
Swaraj Barik
Actor

PLEDGE 'PLASTIC-FREE' ODISHA

#PlasticFreeOdisha
ଧରିତ୍ରୀ DHARITRI TEAM


# ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ, ୨୫।୧୦**

ବାଲେଶ୍ୱର କର୍ମଜୀବୀ ସାମ୍ବାଦିକ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ଜିଲାର ପୋଲିସ ଓ ପ୍ରଶାସନ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଚଳିତବର୍ଷ ଗଣେଶ ପୂଜା, ମହରମ୍‌, ବିଶ୍ୱକର୍ମା ପୂଜା, ଦୁର୍ଗା ପୂଜା ଓ ରାବଣପୋଡ଼ି ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିବାରୁ ଅଧିକାରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଏପରି କାର୍ଯ୍ୟକ୍ରମ ପ୍ରତିବର୍ଷ ହାତକୁ ନିଆଯାଇଥାଏ ବୋଲି ସଂଘ ଜିଲା ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କର ପ୍ରକାଶ କରିଛନ୍ତି।

ପୂର୍ବାଞ୍ଚଳ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର, ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଉପଜିଲାପାଳ ନିଲୁ ମହାପାତ୍ର, କ୍ରାଇମ ଡିଏସ୍‌ପି ସୁଦର୍ଶନ ଦାଶ, ଡିଏସ୍‌ପି ମନୋବ୍ରତା ଶତପଥୀ, ଟାଉନ ଥାନା ଅଧିକାରିଣୀ ସରୋଜିନୀ ନାୟକ, ସହଦେବଖୁଣ୍ଟା ଥାନା ଅଧିକାରୀ ଜୟନ୍ତ ବେହେରା, ଶିଳ୍ପାଞ୍ଚଳ ଥାନା ଅଧିକାରୀ ପରେଶ ଚନ୍ଦ୍ର ରାଉତ ଓ ଟ୍ରାଫିକ ଥାନା ସବ୍‌ଇନ୍‌ସପେକ୍ଟର ପ୍ରଶାନ୍ତ ରଣସିଂହ ପ୍ରମୁଖଙ୍କ ଅଫିସ୍‌ରେ କରଙ୍କ ନେତୃତ୍ୱରେ ସଭ୍ୟମାନେ ପହଞ୍ଚି ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସଦସ୍ୟ ତଥା ବରିଷ୍ଠ ଖବରଦାତା ଦେବବ୍ରତ ପାଣିଗ୍ରାହୀ, ମିହିର ମହାପାତ୍ର, ସମ୍ବିତ ବେହେରା, ଇନାୟତ୍ ଅଲ୍ଲୀ ଖାଁ, ଆଜିମ ବାଲେଶ୍ୱରୀ, ସଲେମନ ସାହୁ, ସରୋଜ ପଣ୍ଡା, ରବିରଞ୍ଜନ ଦାସ, ଗୟାଧର କର, ସନ୍ଦୀପ୍ତ ଦାସ, ବଂଶୀଧର ଦଳେଇ, ରତୀକାନ୍ତ ଦତ୍ତ ଏବଂ ସୁଶୀଳ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ପୂର୍ବାଞ୍ଚଳ ଡ଼ିଆଇଜି ଅମିତେନ୍ଦ୍ର ନାଥ ସିହ୍ନାଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଉଛି।

# କଂଗ୍ରେସ ଛାଡ଼ିଲେ ମାଧବାନନ୍ଦ



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ବାସୁଦେବପୁର,୨୫।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀ ତଥା କଂଗ୍ରେସର ବରିଷ୍ଠ ଏବଂ ହେଭିୱେଟ ନେତା ମାଧବାନନ୍ଦ ମଲିକ ଦଳର ପ୍ରାଥମିକ ସଦସ୍ୟତା ପଦ ଓ ପ୍ରଦେଶ କଂଗ୍ରେସ କମିଟିର ସଦସ୍ୟ ପଦବୀରୁ ଗୁରୁବାର ଇସ୍ତଫା ପ୍ରଦାନ କରିଛନ୍ତି। ଏହି ବରିଷ୍ଠ ନେତା ବିଗତ ୩ଟି ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିଆସୁଥିଲେ। କଂଗ୍ରେସ ସହିତ ସେ ପ୍ରାୟ ୪୦ ବର୍ଷ ଧରି ଜଡିତ ଥିଲାବେଳେ ରାଜ୍ୟ ଓ କେନ୍ଦ୍ରରେ ଦଳ ଉପରୁ ଲୋକଙ୍କର ଆସ୍ଥା ତୁଟିଯାଉଥିବାରୁ ଏହି ଦଳରେ ଆଉ ନିର୍ବାଚନ ଲଢି ଜିତିବା ସମ୍ଭବ ନୁହେଁ ବୋଲି ସେ ବାସୁଦେବପୁର ସହରରେ ଏକ ହୋଟେଲରେ ଏକ ଖବରଦାତା ସମ୍ମିଳନୀ ଡକାଇ ମତ ରଖିଥିଲେ। କଂଗ୍ରେସ ଦଳ ସେ ପରିତ୍ୟାଗ କରିଥିଲେ ମଧ୍ୟ ସକ୍ରିୟ ରାଜନୀତିରେ ରହି ବାସୁଦେବପୁର ଜନସାଧାରଣଙ୍କ ସମସ୍ୟା ସମାଧାନ ଓ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ମତ ରଖିଥିଲେ। ତେବେ ସେ କେଉଁ ଦଳରେ ଯୋଗଦାନ କରିବେ ତାହା ପରବର୍ତ୍ତୀ ସମୟ କହିବ ଓ ସେ ଗଣମାଧ୍ୟମକୁ କହିବେ ବୋଲି ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ମାଧବାନନ୍ଦଙ୍କ ଅତ୍ୟନ୍ତ ଅନୁଗତ ପୌରପାଳିକାର ପୂର୍ବତନ ଦୁଇ ନଗରପାଳ ପଞ୍ଚାନନ ସେନାପତି, ଧୀରେନ୍ଦ୍ର ପଣ୍ଡୁଆ, ପୂର୍ବତନ ସରପଞ୍ଚ ଗଙ୍ଗାଧର ପଣ୍ଡା, ପୂର୍ବତନ ସମିତିସଭ୍ୟ ପ୍ରତାପ ସେନାପତି, ଜିଲା କଂଗ୍ରେସର ପୂର୍ବତନ ସମ୍ପାଦକ ନରହରି ମହାକୁଡ, ଯୁବ କଂଗ୍ରେସର ଜିଲା ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ମହାକୁଡ ପ୍ରମୁଖ ଦଳୀୟ କର୍ମକର୍ତ୍ତା ମାଧବାନନ୍ଦଙ୍କ ନିଷ୍ପତ୍ତିକୁ ସମର୍ଥନ କରି କଂଗ୍ରେସ ଦଳର ପଦପଦବୀରୁ ଇସ୍ତଫା ଦେଇଛନ୍ତି ଓ ଦଳ ତ୍ୟାଗ କରିଛନ୍ତି ବୋଲି ଘୋଷଣା କରାଯାଇଥିଲା। ସେହିପରି ସେମାନଙ୍କ ସହିତ ଯୁବ କଂଗ୍ରେସର ବିଧାନସଭା ନିର୍ବାଚନ ମଣ୍ଡଳୀର ସଭାପତି ଉଦୟ ନାରାୟଣ ମଲିକ ମଧ୍ୟ ଦଳରୁ ଇସ୍ତଫା ଦେଇଥିବା ସେ ଘୋଷଣା କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ମାଧବାନନ୍ଦଙ୍କ ସମର୍ଥକମାନେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'
# ଭାଗନେଲେ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

**ବାଲେଶ୍ୱର ଅଫିସ, ୨୫।୧୦**

ବାଲେଶ୍ୱର ସଦର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଗୁରୁବାର ପବ୍ଲିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ସଦର ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ଯୋଗଦେଇ 'ସୁରଭି' କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହ ଶିକ୍ଷକ, ଅଭିଭାବକଙ୍କ ଶିଶୁମାନଙ୍କ ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ।

ସଦର ବ୍ଲକର ୨୧ଗୋଟି ଆଞ୍ଚଳିକ ସାଧନକେନ୍ଦ୍ରରୁ ମନୋନୀତ ୪ଶହରୁ ଅଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅଭିଜ୍ଞ ବିଚାରକ ମଣ୍ଡଳୀ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡ. ଗିରିଶ୍ ଚନ୍ଦ୍ର ଜେନା, ସମ୍ମାନ୍‌ନୀୟ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଜିଲା ପ୍ରକଳ୍ପ ସଂଯୋଜକ ସୁରେନ୍ଦ୍ର ନାଥ ଶଙ୍ଖୁଆ, ଜିଲା ସ୍କୁଲ ପ୍ରଧାନ ଶିକ୍ଷକ ଡ. ପ୍ରଫୁଲ୍ଲ କୁମାର ସାହୁ, ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷକ ପରେଶ ନାଥ କର, ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ପଣ୍ଡା ଯୋଗଦେଇଥିଲେ। ପବ୍ଲିକ ଉଚ୍ଚ ଓ ନୋଡାଲ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିକର୍ତ୍ତନ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ, ମିନତି ନାୟକ, ପ୍ରଭାତି ସାହୁ, ସିଆର୍‌ସିସି ଅରୁଣ କୁମାର ପାତ୍ର, ଅମରେନ୍ଦ୍ର ଦାସ, ରାଧାଶ୍ୟାମ ଅଗସ୍ତି, ମଣିଭଦ୍ର ପାତ୍ର, ସୁଧାଂଶୁ ମଲ୍ଲିକ, ମନୋରଞ୍ଜନ ନାୟକ, ତ୍ରିଲୋଚନ ପରିଡ଼ା, ଅମର ପଣ୍ଡା ଓ ପ୍ରମୋଦ ପାଢ଼ୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।


## ସେଲ୍‌ଫି କର୍ନର


@ ସଞ୍ଜୀବ


@ ସୂରଜ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | Balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଗିରଫ ପରେ ନିଲମ୍ବିତ ହେଲେ ଶିକ୍ଷକ

**ଧାମନଗର, ୨୫।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ପଠାଣ ମହଲା ଗ୍ରାମର ଶିକ୍ଷକ ସେକ ସବାକତୁଲ୍ଲାଙ୍କୁ ସୋସିଆଲ ମିଡିଆରେ ସାମ୍ପ୍ରଦାୟିକ ନେଇ ଅଶ୍ଳୀଳ ମେସେଜ ଅପଲୋଡ କରିଥିବା ଅଭିଯୋଗରେ ଗୁରୁବାର ଧାମନଗର ବିଇଓ ପବିତ୍ର ମୋହନ ବାରିକ ନିଲମ୍ବିତ କରିଛନ୍ତି। ଶିକ୍ଷକ ସବାକତୁଲ୍ଲା ଧାର୍ମିକ ଭାବନାକୁ ଆଘାତ ଦେଲାଭଳି ଅଶ୍ଳୀଳ ମନ୍ତବ୍ୟ ଫେସ୍‌ବୁକରେ ଛାଡିଥିଲେ। ଏନେଇ ଦକ୍ଷିଣବାଡ ଗ୍ରାମର ବିଜୟ ରାମ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ପରେ ଥାନାରେ ଏକ ମାମଲା (ନଂ.୧୭୭/୧୮ ) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ଜଣଙ୍କ ଭଗବାନପୁର ପଞ୍ଚାୟତ ଅନହରପୁର ବିଦ୍ୟାଳୟରେ ଜଣେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ବିଇଓ ଗିରଫର ତଥ୍ୟ ଥାନାରୁ ପାଇ ତାଙ୍କୁ ଗୁରୁବାର ଚିଠି ନଂ ୨୯୪୨ ରେ ନିଲମ୍ବନ କରିବା ସହିତ ଭଗବାନପୁର ନୋଡାଲ ବିଦ୍ୟାଳୟର ଶିକ୍ଷକ ପରମାନନ୍ଦ ପ୍ରଧାନଙ୍କୁ ଅନହରପୁର ବିଦ୍ୟାଳୟର ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ଦେଇଥିବା ବିଇଓ ସୂଚନା ଦେଇଛନ୍ତି।


CLASSIFIED DISPLAY




## ଶିକ୍ଷାର୍ଥୀଙ୍କ ପାଇଁ ଟ୍ରେନିଂ

ଶୁଶ୍ରୁଷା ଅଧୀନରେ ଘରୋଇସେବା ବା ହୋମନର୍ସିଂ ଟ୍ରେନିଂ ନେବା ପାଇଁ ୧୮ ବର୍ଷରୁ ୩୫ ବର୍ଷ ବୟସ୍କ ନବମ ଶ୍ରେଣୀ ବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳା ପ୍ରାର୍ଥୀ ପାଇଁ ଟ୍ରେନିଂ। ୨ ମାସ ଟ୍ରେନିଂ ପରେ ଆକର୍ଷଣୀୟ ଦରମା ସହିତ ନିଯୁକ୍ତି ପାଇବେ। ନଭେମ୍ବର ୧ ତାରିଖ ୨୦୧୮ ଠାରୁ ଟ୍ରେନିଂ ଆରମ୍ଭ ହେବ। ଦରଖାସ୍ତ ଦେବାର ଶେଷ ତାରିଖ ଅକ୍ଟୋବର ୩୦, ୨୦୧୮। ଟ୍ରେନିଂ ସମୟରେ କୌଣସି କୋର୍ସ ଫି' ନିଆଯିବ ନାହିଁ ଏବଂ ହଷ୍ଟେଲ୍‌ରେ ମାଗଣାରେ ରହିବାର ଓ ଖାଇବାର ସୁବିଧା ରହିଛି।

ଯୋଗାଯୋଗ ଠିକଣା:
ସମ୍ପାଦିକା ଶୁଶ୍ରୁଷା, ପ୍ଲଟ୍ ନଂ: ୪୯୩, ଭିମପୁର, କାର୍‌ଗିଲ୍ ରୋଡ୍, ପଲାସପଲ୍ଲି, ଭୁବନେଶ୍ୱର-୭୫୧୦୨୦
ଟେଲିଫୋନ୍: ୯୭୭୮୭୦୩୦୬୭, ମୋ: ୮୮୯୫୩୪୦୫୪୫
ଯୋଗାଯୋଗ ସମୟ: ୧୦.୩୦ ଠାରୁ ୪ଟା ପର୍ଯ୍ୟନ୍ତ















## ସଂକ୍ଷେପରେ

### ପୋଖରୀରେ ପଡ଼ି ଶିଶୁ ମୃତ

ତିହିଡ଼ି,୨୫।୧୦(ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ବୋଡ଼କ ପଞ୍ଚାୟତ ଅଧୀନ ଖରିଦା ପାଟଣା ଗ୍ରାମରେ ଶ୍ରୀମନ୍ତ ମହାଳିକ (୪) ନାମକ ଜଣେ ଶିଶୁ ପୋଖରୀରେ ପଡ଼ି ପ୍ରାଣ ହରାଇଛନ୍ତି। ଶଙ୍କର୍ଷଣ ମହାଳିକଙ୍କ ପୁଅ ଶ୍ରୀମନ୍ତ। ସେ ବୁଧବାର ଖେଳୁଥିବା ବେଳେ ପୋଖରୀରେ ପଡ଼ି ଯାଇଥିଲେ। ଅପରାହ୍ନରେ ପୁଅର ମୃତଦେହକୁ ପରିବାର ଲୋକେ ଉଦ୍ଧାର କରିଥିଲେ । ତିହିଡ଼ି ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା (ନଂ . ୭୯/୧୮) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ କରାଇଛି ।

### ମୋ ସ୍କୁଲ କାର୍ଯ୍ୟକ୍ରମ

ଭଣ୍ଡାରିପୋଖରୀ,୨୫।୧୦(ଡି.ଏନ.ଏ.): ମଞ୍ଜୁରୀସ୍ଥିତ ବଳଦେବଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଗୁରୁତ୍ୱ ଦେଇ ବିଦ୍ୟାଳୟ ହିଁ ସଂସ୍କାର, ବିକାଶ ଓ ପ୍ରଗତିର ପୀଠସ୍ଥଳୀ ବୋଲି ବର୍ଣ୍ଣନା କରି ପୁରାତନ ଛାତ୍ରୀଛାତ୍ରମାନେ ମହନୀୟ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆହ୍ୱାନ କରିଥିଲେ। ପୁରାତନ ଛାତ୍ରୀ ଅଧାପିକା ଅଳକା ପାଢ଼ୀ ନିଜର ଅତୀତ ସ୍ମରଣ କରିବା ସହ ବିଦ୍ୟାଳୟ କାର୍ଯ୍ୟରେ ସକ୍ରିୟ ସହଯୋଗ ଏକ ପ୍ରଶଂସିତ କାର୍ଯ୍ୟ ଭାବେ ଅଭିହିତ କରିଥିଲେ। ପୁରାତନ ଛାତ୍ର ତଥା ରଣଜିତ ସରପଞ୍ଚ ମନୋଜ ନାୟକ ସାଂସ୍କୃତିକ ମଣ୍ଡପ ପାଇଁ ୧ ଲକ୍ଷ ଓ ପ୍ରାର୍ଥନା ମଣ୍ଡପ ପାଇଁ ୩ ଲକ୍ଷ ଟଙ୍କା ପଞ୍ଚାୟତ ତରଫରୁ ଖୁବ୍‌ଶୀଘ୍ର ବ୍ୟୟ କରାଯିବ ବୋଲି ଦୃଢ଼ୋକ୍ତି କରିଥିଲେ। ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ସେକ୍ ଏମାମୁଲ ବିଦ୍ୟାଳୟ ଆସି ସାମୟିକ ସେବା ପ୍ରଦାନ କରୁଥିବାରୁ ସାଧୁବାଦ ଜଣାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବନିତା ଦାଶ, କାଳମୁକୁନ୍ଦ ଦଳାଇ ପ୍ରମୁଖ ଯୋଗଦେଇ ମତାମତ ପ୍ରଦାନ କରିଥିଲେ। ପୁରାତନ ଛାତ୍ରୀଛାତ୍ର ଦିବସ ଭାବେ ଡିସେମ୍ବର ୨୩କୁ ସ୍ଥିର କରାଯାଇଥିଲା। ଶିକ୍ଷକ ଗୌରୀଶଙ୍କର ମିଶ୍ର, ଦାମୋଦର ଶତପଥୀ, ମୋନାଲିସା କର, ଅଭିମନ୍ୟୁ ମଲିକ, ହେମନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଶେଷରେ ଇନ୍ଦ୍ରଜିତ ମଲିକ ଧନ୍ୟବାଦ ପ୍ରଦାନ କରିଥିଲେ।

■ ବାଲେଶ୍ୱର ଭିଜିଲାନ୍ସ ଧରିଲା ଭଦ୍ରକର ଚୋରା କରତକଳ

# ଦୁଇ ସ' ମିଲ୍ ଉପରେ ଚଢ଼ାଉ

ଭଦ୍ରକ ଅଫିସ,୨୫।୧୦

ଭଦ୍ରକ ଜିଲାରେ ବେଆଇନ କରତକଳ କୁଟୀରଶିଳ୍ପ ପାଲଟିଛି। ଚୋରା କାଠ ବେପାରୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ବନ ବିଭାଗ କର୍ମଚାରୀଙ୍କ ଛତ୍ରଛାୟା ତଳେ ଚୋରା କାଠ ବେପାରୀମାନେ ସେମାନଙ୍କ ବ୍ୟବସାୟ ବେଶ୍ ବଢ଼ାଇବାରେ ଲାଗିଛନ୍ତି। ଜିଲା ବନ ବିଭାଗର ସ୍ଥାଣୁତା କାରଣରୁ ଦୈନିକ ୨୦ରୁ ଊର୍ଦ୍ଧ୍ୱ ଗାଡି ଭଦ୍ରକକୁ ପ୍ରବେଶ କରୁଛି।

ଏ ନେଇ ଗତ ବୁଧବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବାଲେଶ୍ୱର ଭିଜିଲାନ୍ସ ଟିମ୍ ଗୁରୁବାର ଦୀର୍ଘବର୍ଷ ଧରି ଭଦ୍ରକରେ ଚାଲିଆସୁଥିବା ପୁରୁଣାବଜାର ଅଞ୍ଚଳ ସଙ୍ଗତ ଛକର ଏକ କରତକଳ ଉପରେ ଚଢ଼ାଉ କରିଛି। ଚଢ଼ାଉରେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୩୧୭ ସିଫ୍ଟ ବିଭିନ୍ନ କିସମର କାଠ ଓ ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ ଜବତ କରିବା ସହ ୨ଟି ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ପୁରୁଣାବଜାର ପଠାଣ ମହଲାର ମିଲ୍ ମାଲିକ ମିର୍ଜା ମୁକ୍ତାର ବେଗ୍ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଚଢ଼ାଉରେ ସାମିଲ ଥିବା ଭିଜିଲାନ୍ସ ଫରେଷ୍ଟର ଜଗନ୍ନାଥ ପରିଡ଼ା ସୂଚନା ଦେଇଛନ୍ତି। ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ସୁନୀଲ କୁମାର ସେନାପତିଙ୍କ ନିର୍ଦ୍ଦେଶରେ ଭଦ୍ରକ ଭିଜିଲାନ୍ସ ୟୁନିଟ୍ ଡିଏସ୍‌ପି ସଞ୍ଜୟ କୁମାର ଦାସ ମହାପାତ୍ରଙ୍କ ନେତୃତ୍ୱରେ ଭଦ୍ରକ ଡିଏଫ୍‌ଓ ଅମ୍ଲାନ ନାୟକଙ୍କ ସହଯୋଗରେ ଭିଜିଲାନ୍ସ ରେଞ୍ଜର ଶ୍ୟାମ ସିଂ, ଭିଜିଲାନ୍ସ ଫରେଷ୍ଟର ଜଗନ୍ନାଥ ପରିଡା ଓ ୨ ପ୍ଲାଟୁନ ପୋଲିସ ଏହି ଚଢାଉରେ ସାମିଲ ଥିଲେ। ମାଜିଷ୍ଟ୍ରେଟ ଭାବେ ସହାୟକ ଜିଲାପାଳ ବିଶ୍ୱନାଥ ବିଶ୍ୱାଳ, ପୁରୁଣା ବଜାର ଥାନାଧିକାରୀ ପ୍ରଜ୍ଞା ମହାନ୍ତି ସମେତ ଥାନା କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଥାଉ କି, ଭଦ୍ରକ ଜିଲାରେ ୨୦ରୁ ଊର୍ଦ୍ଧ୍ୱ ବେଆଇନ କରତକଳ ଚାଲିଥିବା ବେଳେ ବନ ବିଭାଗ ମାସିକିଆ ନେଇ ଚୁପ୍ ବସିଛି। ଚଢାଉ ପୂର୍ବରୁ ଧର୍ମକୁ ଆଖିଠାର ଭଳି କାଠ ମାଫିଆଙ୍କୁ ଆଗରୁ ସୂଚନା ଦେଇ ଚଢାଉ କରିଆସୁଛି। ଏପରି କି ଚଢ଼ାଉ ସମୟରେ ଜଣେ ମଧ୍ୟ କରତକଳ ମାଲିକ ଗିରଫ ହେବା ନଜିର ନାହିଁ। ଭଦ୍ରକ ସହରରେ ୧୦ରୁ ଊର୍ଦ୍ଧ୍ୱ ବେଆଇନ କରତକଳ କୁଟୀରଶିଳ୍ପ ପାଲଟିଛି। ଜିଲା ମୁଖ୍ୟାଳୟରେ ପ୍ରଶାସନିକ ଅଧିକାରୀଙ୍କ ନଜରରେ ଏହି ବେଆଇନ କରତକଳ ଆଖିରେ ନ ପଡିବା ଘଟଣା ପରୋକ୍ଷରେ କାଠ ମାଫିଆଙ୍କୁ ପ୍ରୋତ୍ସାହିତ କରୁଛି। ଭଦ୍ରକ ସହରରେ ବେଆଇନ କାଠ ଡିପୋ ୧୦୦ରୁ ଊର୍ଦ୍ଧ୍ୱ। ଏପରି କି ପୁରୁଣାବଜାର ଓ କଦମବେଡା ଅଞ୍ଚଳରେ ବେଆଇନ କାଠ ଡିପୋ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ କରୁଥିବା ବେଳେ ୧୦୦ ମିଟର ଦୂରରେ ପୁରୁଣାବଜାର ଥାନା, ୧ କିଲୋମିଟର ଦୂରରେ ଟାଉନ ଥାନା ଓ ୨ କିମି ଦୂରରେ ଏସ୍‌ପି ଓ ଜିଲା ମୁଖିଆଙ୍କ କାର୍ଯ୍ୟାଳୟ। ହେଲେ ଏହିସବୁ ବେଆଇନ କାର୍ଯ୍ୟ ପ୍ରତି କାହାରି ନଜର ନ ରହିବା ପରିତାପର ବିଷୟ । ବୁଧବାର ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ମୁଡାପଦା ନିକଟରେ ଦୀର୍ଘଦିନ ହେଲା ବେଆଇନ ଭାବେ ଚାଲିଆସୁଥିବା ଏକ କରତକଳ ଉପରେ ବନ ବିଭାଗ ଚଢାଉ କରି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଓ କାଠ ଜବତ କରିଥିଲା। ଗୁରୁବାର ପୁରୁଣାବଜାର ସଙ୍ଗତ ଛକରେ ହୋଇଥିବା ଚଢାଉ ଘଟଣାରେ ବନ ବିଭାଗ ପକ୍ଷରୁ ୨ଟି ମାମଲା ରୁଜୁ ହୋଇଛି। ଜବତ କାଠଗୁଡିକ ଭଦ୍ରକ ସାତଭଉଣୀସ୍ଥିତ କାର୍ଯ୍ୟାଳୟ ପରିସରରେ ରଖାଯାଇଥିବା ଜଣାପଡିଛି।


ସ' ମିଲ୍‌ରେ ଚଢ଼ାଉ କରାଯାଉଛି।

# ସମବାୟ ସମିତିରେ ତାଲା ପକାଇ ଧାରଣା

ତିହିଡ଼ି,୨୫।୧୦(ଡି.ଏନ.ଏ.)

**୧୭୧ ଚାଷୀ ଫସଲ ବୀମାରୁ ବଞ୍ଚିତ**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ରାଜନଗର ପଞ୍ଚାୟତ ଅଧୀନ ଚାରିତରଫ ସେବା ସମବାୟ ସମିତିରେ ତାଲା ପକାଇ ଗୁରୁବାର ଚାଷୀମାନେ ଗଣଧାରଣା ଦେଇଥିଲେ । ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରୁ ବଞ୍ଚିତ ହୋଇଥିବାରୁ ଚାଷୀମାନେ ଏହି ପଦକ୍ଷେପ ନେଇଛନ୍ତି। ୨ଥର ଧାରଣା ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଚାଷୀମାନେ ପୁନର୍ବାର ଗଣଧାରଣା ଦେଇଛନ୍ତି । ବୀମାଭୁକ୍ତ ନ ହେବା ଯାଏ ଏହା ଚାଲୁ ରହିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ବାହାରପାଳ ଗ୍ରାମର ୧୪୧ଜଣ, ଚାରିତରଫ ଗ୍ରାମର ୨୪ଜଣ ଏବଂ ଖଡ଼ିଯାଣ ଗ୍ରାମର ୬ଜଣ ଚାଷୀ ଯୋଜନାରୁ ବାଦ ପଡ଼ିଛନ୍ତି। ଏହି ଧାରଣାରେ ଉତ୍ତମ ପାଢ଼ୀ, ଆନନ୍ଦ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ସୁବାସ ସେଠୀ, ଶ୍ରୀଧର ପ୍ରସାଦ ପାଢ଼ୀ, ସୁନୀଲ ପଣ୍ଡା, ପ୍ରଦୀପ ବାରିକ, ସହଦେବ ପଲେଇ, ବୃନ୍ଦାବନ ସେଠୀ, ରବିନାରାୟଣ ପାଢ଼ୀ, କୃଷ୍ଣଚନ୍ଦ୍ର ପାଢ଼ୀ, ଅରୁଣ ବାରିକ ପ୍ରମୁଖ ଚାଷୀମାନେ ସାମିଲ ଥିଲେ।



ସମବାୟ ସମିତିରେ ତାଲା ପକାଇ ଚାଷୀଙ୍କ ଗଣଧାରଣା।

# ୨୯ରେ ଭଦ୍ରକ ବନ୍ଦ ଆନ୍ଦୋଳନ ପ୍ରସ୍ତୁତି ଚୂଡାନ୍ତ

ଭଦ୍ରକ ଅଫିସ,୨୫।୧୦

ଭଦ୍ରକରେ ଏକ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ଦାବିରେ ସମଗ୍ର ଜିଲାରେ ଦୀର୍ଘ ୨ ମାସ ଧରି ଆନ୍ଦୋଳନ ଜାରି ରହିଛି । ଏହି ଆନ୍ଦୋଳନ ପରିପ୍ରେକ୍ଷୀରେ ଆସନ୍ତା୨୯ ତାରିଖରେ ଭଦ୍ରକ ମେଡିକାଲ ସଂଗ୍ରାମୀ ସେନା ଓ ଜିଲା ଉନ୍ନୟନ ସଂଘର୍ଷ ସମିତି ପକ୍ଷରୁ ସମଗ୍ର ଜିଲା ବନ୍ଦ ଡାକରା ଦିଆଯାଇଛି। ଜିଲାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଭଦ୍ରକରେ ଏକ ମେଡିକାଲ କଲେଜ ପ୍ରତିଷ୍ଠାର ଆବଶ୍ୟକତା ଯଥେଷ୍ଟ ରହିଛି । ଏହା ଜିଲାବାସୀଙ୍କ ମୌଳିକ ଅଧିକାର ବୋଲି ବିବେଚନା କରି ଭଦ୍ରକ ଜିଲା କଂଗ୍ରେସ ଏହାକୁ ପୂର୍ଣ୍ଣ ସମର୍ଥନ କରିବ ବୋଲି ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ମହାନ୍ତି ଗୁରୁବାର ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି । ସେହିଭଳି ଜିଲା ଭାଜପା ପକ୍ଷରୁ ଜିଲା ସଭାପତି ବଦ୍ରି ନାରାୟଣ ଧଳ ସମର୍ଥନ ଜଣାଇଛନ୍ତି। ସେହିଭଳି ଶହୀଦ ଭଗତ ସେନା ପକ୍ଷରୁ ଆବାହକ ସୀତାଂଶୁ ମହାପାତ୍ରଙ୍କ ନେତୃତ୍ୱରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉକ୍ତ ଦିନ ସମଗ୍ର ଜିଲାରେ ଜରୁରୀ କାଳୀନ ସେବାକୁ ବାଦ୍ ଦେଲେ ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ଓ ସରକାରୀ, ବେସରକାରୀ, ସ୍କୁଲ କଲେଜ, ଦୋକାନ ବଜାର ବନ୍ଦ ରହିବ। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମଗ୍ର ଭଦ୍ରକ ଜିଲା ବନ୍ଦ ପାଳନ କରିବ ବୋଲି କୁହାଯାଇଛି। ଭଦ୍ରକ ଜିଲା ଘରୋଇ ବସ ମାଲିକ ସଂଘ ବା ବସ ସିଣ୍ଡିକେଟ ପକ୍ଷରୁ ଶ୍ରୀନିବାସ ପତି ଖବରଦାତା ମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ, ଉକ୍ତ ଦିନ ସମଗ୍ର ଜିଲାରେ କୌଣସି ବସ ଗଡିବ ନାହିଁ। ଗୁରୁବାର ଭଦ୍ରକ ଜିଲା ଉନ୍ନୟନ ସଂଘର୍ଷ ସମିତି ପକ୍ଷରୁ ବିଭିନ୍ନ ଦଳ, ବିଭିନ୍ନ ସଂଗଠନ ଓ ବୁଦ୍ଧିଜୀବୀ ମାନଙ୍କୁ ନେଇ ବନ୍ତଛକ ପୋଲ ତଳେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ବନ୍ଦ ପାଳନ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ।

# ଜାଲ୍ ନୋଟ କାରବାର: ଜଣେ ଅଟକ

ଧାମନଗର,୨୫।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଏନଏସି ଏରିଆ କୁଳିଆ ଗଡିଆ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଜାଲ ନୋଟ କାରବାର ଅଭିଯୋଗରେ ଧାମନଗର ଥାନା ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି। ଜାଲନୋଟ କାରବାର ମୁଖ୍ୟ ଅଭିଯୁକ୍ତଙ୍କୁ ଠାବ କରିବାରେ ପୋଲିସ ଉଦ୍ୟମ ଜାରୀ ରଖିଥିବାବେଳେ ଅଟକ ଅଭିଯୁକ୍ତଙ୍କୁ ଜେରା ଜାରି ରଖିଛି।

# ଗାଡ଼ି ଅଟକାଇ ଯାଞ୍ଚ

ଆରଡ଼ି, ୨୫।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଧୁଷୁରୀ ଥାନା ଅନ୍ତର୍ଗତ ମଠଡିହ ବଜାରରେ ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସଙ୍କ ନେତୃତ୍ୱରେ ବୁଧବାର ବ୍ଲକିଙ୍ଗ କାର୍ଯ୍ୟକ୍ରମ ସଙ୍ଗଠିତ ହୋଇଥିଲା । ଦୁଇଚକିଆ ଯାନ ଚାଳକଙ୍କ ହେଲମେଟ, ଡ୍ରାଇଭିଙ୍ଗ ଲାଇସେନ୍ସ ଆଦି ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବ୍ଲକିଙ୍ଗ କରାଯାଇଥିଲା । ମଠଡିହ ବଜାର ଦେଇ ଯାଜପୁର, ଆରଡ଼ି, ଭଦ୍ରକ ତିହିଡି ଆଦି ସ୍ଥାନକୁ ରାସ୍ତା ସଂଯୋଗ ରହିଛି । ଏହି ସ୍ଥାନ ଯାଞ୍ଚ ଲାଗି ପ୍ରକୃଷ୍ଟ ବୋଲି ଏଠାରେ ଏହି କାର୍ଯ୍ୟକ୍ରମ କରିବା ଲାଗି ସ୍ଥିର ହୋଇଥିଲା। ଏଏସ୍‌ଆଇ ଖଗେନ ମହାଳିକ, ହାବିଲଦାର ରମେଶ ଚନ୍ଦ୍ର ମଲ୍ଲିକ, କନଷ୍ଟେବଳ ଯଯାତି ପ୍ରଧାନ, ଶଶିକାନ୍ତ ଦାସ ପ୍ରମୁଖ ବ୍ଲକିଙ୍ଗ୍‌ରେ ସହାୟତା କରିଥିଲେ। ପ୍ରତି ମାସରେ ଏଭଳି କାର୍ଯ୍ୟକ୍ରମ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସର ଏଭଳି ଯାଞ୍ଚ ପ୍ରକ୍ରିୟାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏହି ଅଞ୍ଚଳରେ ପୂର୍ବରୁ ଚୋରି ଓ ନାନା ଅସାମାଜିକ କାର୍ଯ୍ୟ ବିଭିନ୍ନ ସମୟରେ ସଂଗଠିତ ହେଉଥିଲା । ପୋଲିସ ବ୍ଲକିଙ୍ଗ ଦ୍ୱାରା ଏହା ରୋକାଯାଇ ପାରିବ ବୋଲି କୁହାଯାଉଛି।

## ମୟୂରଭଞ୍ଜ

### ନୂତନ ଉପଜିଲାପାଳଙ୍କ ଯୋଗଦାନ

ବାରିପଦା ଅଫିସ,୨୫।୧୦: ବାରିପଦା ଉପଜିଲାପାଳ ଭାବେ ୨୦୧୬ ବ୍ୟାଚର ଆଇଏଏସ ଅଧିକାରୀ ଦିବ୍ୟଜ୍ୟୋତି ପରିଡା ଗୁରୁବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବତନ ଉପଜିଲାପାଳ ଅବଦୁଲ ଅଖତାରଙ୍କଠାରୁ ସେ ଏହି ଦାୟିତ୍ୱ ନେଇଛନ୍ତି। ପ୍ରକାଶ ଥାଉକି ୨୦୧୫ ବ୍ୟାଚର ଆଇଏଏସ ଅଧିକାରୀ ଅବଦୁଲ ଅଖତାରଙ୍କ କୋରାପୁଟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି।



### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ରାଇରଙ୍ଗପୁର, ୨୫।୧୦ (ଡି.ଏନ୍.ଏ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସିଜୁକଳା ଗ୍ରାମରେ ପ୍ରକାଶ ବେହେରା ନାମକ ଯୁବକଙ୍କର ଗୁରୁବାର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ପରିବାର ଲୋକେ ପ୍ରକାଶଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଶବ ଜବତ କରି ରାଇରଙ୍ଗପୁର ହସ୍‌ପିଟାଲରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୭/୧୮) ରୁଜୁ କରିଛି।

### ଦାସାଁଏ ନାଚ ପ୍ରତିଯୋଗିତା

ବଡ଼ସାହି,୨୫।୧୦(ସ୍ୱ.ପ୍ର.)-ବଡ଼ସାହି ବ୍ଲକ ଅଧୀନ ମୁକାମଠାରେ ଭଞ୍ଜଦିଶମ ପାର୍ଗାନା ମହଲ ଡୁକୁରା ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଦାସାଁଏ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସାନ୍ତାଳ ସମ୍ପ୍ରଦାୟର ଦାସାଁଏ ନାଚକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ଅବସରରେ ପ୍ରତିଯୋଗୀ ଦଳ ପାରମ୍ପରିକ ବାଦ୍ୟଯନ୍ତ୍ର ଓ ବେଶଭୂଷାରେ ନୃତ୍ୟ ପରିବେଷଣ କରିଥିଲେ । ପ୍ରତିଯୋଗିତାରେ ନୂଆଗାଁ ଦଳ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। । ପାର୍ଗାନ ମହଲର ସନାତନ ମୁର୍ମୁ, ସୂର୍ଯ୍ୟାନନ୍ଦ ମୁର୍ମୁ, ରଘୁନାଥ ମୁର୍ମୁ ଓ ଶ୍ୟାମସୁନ୍ଦର ହାଁସଦାଃ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ ଏଟିଏମ୍ ଲୁଟ୍ ଘଟଣାକୁ ୩ ମାସ

# ଲୁଟେରାଙ୍କ ସୁରାକ ପାଉନି ପୋଲିସ

ବାରିପଦା ଅଫିସ,୨୫।୧୦

■ବଢ଼ୁଛି ଚୋରି, ପାଟ୍ରୋଲିଂ ଢିଲା
■ଆନ୍ତଃରାଜ୍ୟ ଲୁଟେରାଙ୍କ କାମ କହି ବସିଛି ପୋଲିସ

ବାରିପଦା ରଥଯାତ୍ରା ସମୟରେ ସହରର ୪ଟି ଏଟିଏମ୍‌ରୁ ଜୁଲାଇ ୨୧ତାରିଖ ବିଳମ୍ବିତ ରାତିରେ ପ୍ରାୟ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଥିଲା। ଏହି ଲୁଟ୍ ଆନ୍ତଃ ରାଜ୍ୟ ଲୁଟେରାଙ୍କ କାମ କହି ପୋଲିସ ହାତବାନ୍ଧି ବସିଥିବା ବେଳେ ଘଟଣାକୁ ୩ ମାସ ବିତିଗଲାଣି। ହେଲେ ଏପର୍ଯ୍ୟନ୍ତ ପୋଲିସ ଲୁଟେରାଙ୍କ ସମ୍ପର୍କରେ କିଛି ସୁରାକ ପାଇନାହିଁ। ଅନ୍ୟପଟେ ସହରରେ ଏବେ ଚୋରି ମାମଲା ବୃଦ୍ଧି ପାଉଛି। ବିଗତ ୩ ମାସ ଭିତରେ ୧୦ରୁ ଊର୍ଦ୍ଧ୍ୱ ଚୋରି ମାମଲା ବାରିପଦା ଟାଉନ ଥାନାରେ ରୁଜୁ ହୋଇସାରିଲାଣି। ହେଲେ ପୋଲିସ କିନ୍ତୁ ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସୁରାକ ପାଇପାରୁନାହିଁ। ତେବେ ଏଟିଏମ୍ ଲୁଟ୍ ଘଟଣା ପରେ ସହରର ପ୍ରବେଶ ପଥଗୁଡିକ ସିଲ୍ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ଏହା ପରେ ପୋଲିସ କର୍ମଚାରୀମାନେ ରାତିରେ କେବଳ ଷ୍ଟେଶନ ବଜାର ଓ ଭଞ୍ଜପୁରଠାରେ ବ୍ଲକିଂ କରୁଥିଲେ। ଏବେ କିନ୍ତୁ ଯେଉଁ ଅବସ୍ଥାକୁ ସେଇ ଅବସ୍ଥା। ଫଳରେ ପୁଣି ଚୋର, ଲୁଟେରାମାନେ ମାତିଲେଣି।

ସୂଚନା ମୁତାବକ, ଗତ ୧୧ ତାରିଖରେ ବାରିପଦା ସହରର ୧୯ ନମ୍ବର ୱାର୍ଡରେ ୨ ଘରୁ ଲୁଟେରାମାନେ କଳାକନା ବୁଲାଇଥିବା ବେଳେ ଅନ୍ୟ ୪ଟି ଘରେ ଉଦ୍ୟମ କରି ବିଫଳ ହୋଇଥିଲେ। ଏହି ୱାର୍ଡର ଯତୀନ୍ଦ୍ର ମୋହନ ଶତପଥୀ ଓ ସୋନାଲି ଓଝାଙ୍କ ଘରୁ ଟଙ୍କା ଓ ସୁନା ଚୋରି କରିଥିଲେ। ସେହିପରି ସୁଶାନ୍ତ ସାହୁ, ଅରବିନ୍ଦ ଜେନା, ଜଗଦୀଶ ଚନ୍ଦ୍ର ସାହୁ ଓ ଜଗଦୀଶ ବେହେରାଙ୍କ ଘରର ଗେଟ୍ ତଥା ଗ୍ରୀଲ ତାଡି ଲୁଟ୍ ଉଦ୍ୟମ କରିଥିଲେ ସୁଦ୍ଧା ବିଫଳ ହୋଇଥିଲେ। ତେବେ ସହରରେ ପାଟ୍ରୋଲିଂ ଠିକ୍ ଭାବେ ହେଉ ନ ଥିବା ଯୋଗୁ ଏଭଳି ପରିସ୍ଥିତି ଦେଖାଦେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ରାତି ୯ଟା ପରେ ଥାନାର ବରିଷ୍ଠ ଅଧିକାରୀ ଫୋନ୍ ଧରୁ ନ ଥିବାରୁ ଥାନା ଗାଡି ନିଜ ହିସାବରେ ପାଟ୍ରୋଲିଂ କରୁଛି। ଏପରି ସ୍ଥଳେ ସଭା ସମିତିରେ ଯୋଗଦେଇ ପୂର୍ବର ସଫଳତା ସମ୍ପର୍କରେ କେବଳ ଥାନା ଅଧିକାରୀମାନେ ବଖାଣୁଛନ୍ତି। ଏ ସମ୍ପର୍କରେ ଏଏସ୍‌ପି ଜେ.ଆର. ଶତପଥୀଙ୍କୁ ପଚାରିବାରୁ ସେ ଛୁଟିରେ ଅଛନ୍ତି। ଛୁଟିରୁ ଫେରିଲେ ଏଟିଏମ୍ ଲୁଟ୍ ଘଟଣା ସମ୍ପର୍କରେ ସୂଚନା ଦେଇପାରିବେ ବୋଲି କହିଥିଲେ।

ଜୁଲାଇ ୨୧ ତାରିଖ ରାତିରେ ଏକ ଏଟିଏମ୍ ଲୁଟ୍ ସମ୍ପର୍କରେ ମୁମ୍ବାଇର ମୁଖ୍ୟ କାର୍ଯ୍ୟାଳୟରୁ ବାରିପଦା ଟାଉନ ଥାନା ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା। ତେବେ ଥାନା ଅଧିକାରୀ ପିସିଆରକୁ ସୂଚନା ଦେଇଥିବାରୁ ଲୁଟେରାମାନେ ତାହାକୁ ଛାଡି ଅନ୍ୟ ସବୁ ଏଟିଏମ୍‌ରୁ ଲୁଟ୍ କରିଥିଲେ। ନିଜ କାର୍ଯ୍ୟରେ ଅବହେଳା କରିଥିବା ଦର୍ଶାଇ ଗତ ୨୬ ଜୁଲାଇରେ ୨ ଜଣ ଏଏସ୍‌ଆଇ, ୨ ଜଣ ହାବିଲଦାର ଓ ୪ କନଷ୍ଟେବଳଙ୍କୁ ନିଲମ୍ବିତ କରାଯାଇଥିଲା।



ଟ୍ରଫି ସହ ବିଜେତା ଦଳର ଖେଳାଳିମାନେ ।

■ ଭିକ୍ଟୋରିଆ କପ କ୍ରିକେଟ

# ମୋରଡା ଷ୍ଟାର କ୍ଲବ ଚାମ୍ପିୟନ

ବହଳଦା,୨୫।୧୦(ଡି.ଏନ.ଏ)

ବହଳଦା ଅଞ୍ଚଳର ଭିକ୍ଟୋରିଆ କ୍ଲବ ଆନୁକୂଲ୍ୟରେ ଗତ ୧୯ ତାରିଖରୁ ବହଳଦା ହାଇସ୍କୁଲ ଖେଳପଡିଆରେ ଚାଲିଥିବା ୯ମ ଭିକ୍ଟୋରିଆ କପ କ୍ରିକେଟ ଟୁର୍ନାମେଣ୍ଟ-୨୦୧୮ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲା ସମେତ ଟାଟା ନଗରର ୧୬ କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ । ଗୁରୁବାର ଫାଇନାଲ ମ୍ୟାଚ୍ ଜାମସେଦପୁରର ସାହାରା ଇଲେଭେନ୍ ଓ ମୋରଡା ଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ମୋରଡା ଷ୍ଟାର ଦଳ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୦ ଓଭରରେ ୧୩୧ ରନ କରିଥିଲେ। ଧାର୍ଯ୍ୟ ଲକ୍ଷ୍ୟକୁ ପିଛା କରି ଷ୍ଟାର ଇଲେଭେନ୍ ଦଳ ସମସ୍ତ ଉଇକେଟ ହରେଇ ମାତ୍ର ୬୦ରନ କରିଥିଲେ । ମୋରଡା ଦଳ ଚାମ୍ପିୟନ ଭାବେ ୨୫ ହଜାର ଓ ବିଜେତା ଟ୍ରଫି ଓ ରର୍ନସ ଅପ୍ ଦଳ ଭାବେ ଜାମସେଦପୁର ଦଳକୁ ୧୫ ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ୍ ଅଫ ଦି ସିରିଜ ଭାବେ ମୋରଡା ଦଳର ଅମର ସାମନ୍ତରାୟ ଓ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ନିଶିକାନ୍ତ ପୁରସ୍କୃତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ସଞ୍ଜୟ ମହାକୁଡ ଓ ରାମଚନ୍ଦ୍ର ହେମ୍ବ୍ରମ।

■ ମିଳିତ ଜାତିସଂଘର ପ୍ରତିଷ୍ଠା ଦିବସରେ ବୃକ୍ଷରୋପଣ

# 'ଶିମିଳିପାଳର ସୁରକ୍ଷା ଲାଗି ସଚେତନତା ଲୋଡ଼ା'

ବଡ଼ସାହି,୨୫।୧୦(ସ୍ୱ.ପ୍ର.)

ବଡ଼ସାହି ବ୍ଲକ ଅଧୀନ ମଙ୍ଗଳପୁର ବାଳାଶ୍ରମ ପରିସରରେ ଇକୋ ଫ୍ରେଣ୍ଡସ ଆନୁକୂଲ୍ୟରେ ମିଳିତ ଜାତିସଂଘର ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ଏପେକ୍ସ ଫରେଷ୍ଟ ପ୍ରୋଟେକ୍ସନ କମିଟି ସଭାପତି ଡକ୍ଟର ଶ୍ୟାମସୁନ୍ଦର ଦାଶ ସଭାପତିତ୍ୱ କରିଛନ୍ତି। ମୁଖ୍ୟଅତିଥି ଭାବେ ବାଇଗଣବାଡିଆ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ଶିମିଳିପାଳର ଗବେଷକ ଡ. ଗଙ୍ଗାଧର ବେହେରା ଉପସ୍ଥିତ ରହି ମିଳିତ ଜାତିସଂଘ ପ୍ରତିଷ୍ଠାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବିଶ୍ୱରେ ଶାନ୍ତି, ମୈତ୍ରୀ ଓ ଏକତା ପ୍ରତିଷ୍ଠା କରି ଏକ ସୁସ୍ଥ ନିର୍ମଳ ସମାଜ ଗଠନ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଇକୋ ଫ୍ରେଣ୍ଡସ ଉପଦେଷ୍ଟା ବାସୁଦେବ ନାପିତ ଉପସ୍ଥିତ ରହି ଶିମିଳିପାଳ ଜୈବ ମଣ୍ଡଳର ସୁରକ୍ଷା ପାଇଁ ବ୍ୟାପକ ସଚେତନତା ଆବଶ୍ୟକ ଥିବା କହିଥିଲେ। ପରିବେଶ ସୁରକ୍ଷା ପାଇଁ ବିଜ୍ଞାନର ଅଗ୍ରଗତି ଅପେକ୍ଷା ଆଧ୍ୟାତ୍ମିକ ଜ୍ଞାନର ଆବଶ୍ୟକତା ଅଧିକ ବୋଲି ଡା. ଧ୍ରୁବ ଚରଣ ପ୍ରଧାନ କହିଛନ୍ତି। ସମ୍ମାନିତ ଅତିଥି ଭାବେ ସିଭିଲ ସୋସାଇଟି ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, ଶିବାଜୀ କ୍ଲବର ସଭାପତି ଦେବାନନ୍ଦ ମହାନ୍ତ, ରାଜଯୋଗ ସେବା ଟ୍ରଷ୍ଟର ସଭାପତି ଭାସ୍କର ଚନ୍ଦ୍ର ଦୁର୍ଗା, ଆଇନଜୀବୀ କୃଷ୍ଣ ମୋହନ ମହାନ୍ତ, ଶିକ୍ଷାବିତ୍ ରତିକାନ୍ତ ମହାନ୍ତ, ଦୀନବନ୍ଧୁ ଦାସ, କମଳ ଲୋଚନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଇକୋ ଫ୍ରେଣ୍ଡ୍‌ସର ସଦସ୍ୟଙ୍କ ଦ୍ୱାରା ମା' ମଙ୍ଗଳା ବାଳାଶ୍ରମ ପରିସରରେ ନଡିଆ ଚାରା ରୋପଣ କରାଯାଇଥିଲା । ଦୀପକ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବାପୁଜୀ ହାଇସ୍କୁଲ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ଇକୋ କ୍ଲବର ସଂଯୋଜକ ଡକ୍ଟର ରମାକାନ୍ତ ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବୀରକିଶୋର ବାରିକ ଧନ୍ୟବାଦ ଅର୍ପଣ କରିଛନ୍ତି ।


ଅତିଥିମାନେ ବୃକ୍ଷରୋପଣ କରୁଛନ୍ତି।

## କଂଗ୍ରେସର ୧୨ ଜୋନ୍ ସଭାପତି ତାଲିକା ପ୍ରକାଶିତ

ବାରିପଦା ଅଫିସ,୨୫।୧୦

ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ମୟୂରଭଞ୍ଜ ଜିଲାର ୧୨ ଜୋନ୍ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ମୋରଡ଼ା ନିର୍ବାଚନ ମଣ୍ଡଳୀର ୩୮ ନମ୍ବର ଜୋନ୍‌ରେ ମହେନ୍ଦ୍ର ନାଥ ସିଂ, ୩୯ ନଂରେ ରାଜକିଶୋର ସିଂ, ୪୦ରେ ଶେଖ୍ ମୁସ୍ତାଫା, ୪୭ରେ ଅଜୟ କୁମାର ବେହେରା, ୪୮ରେ ଦୀନକୃଷ୍ଣ ପାତ୍ର, ୫୩ ନଂରେ କାଳୀଚରଣ ଧୀର, ୫୪ ନଂରେ ମନୋରଞ୍ଜନ ମିଶ୍ର ମନୋନୀତ ହୋଇଛନ୍ତି। ବଡ଼ସାହି ନିର୍ବାଚନ ମଣ୍ଡଳୀର ୩୫ ନମ୍ବର ଜୋନ୍‌ରେ ଶୁଭେନ୍ଦୁ ଦାସ, ୩୬ରେ ରଘୁ ରାଉତ ଓ ୩୭ରେ ଜଗଦୀଶ ନାୟକ ଏବଂ ଉଦଳା ନିର୍ବାଚନ ମଣ୍ଡଳୀର ୧ ନମ୍ବର ଜୋନ୍‌ରେ ମନୋଜ କୁମାର ମାହାଲି ଏବଂ ୨ ନମ୍ବରରେ ରଞ୍ଜନ କୁମାର ଖଣ୍ଡେଇଙ୍କୁ ଜୋନ୍ ସଭାପତି ଦାୟିତ୍ୱ ମିଳିଛି। ହେଲେ ୩୯ ନମ୍ବର ଜୋନ୍ ସଭାପତି ରାଜକିଶୋର ସିଂ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି।

# ଏମପିସିରେ କ୍ୟାରିୟର କାଉନସେଲିଂ

ବାରିପଦା ଅଫିସ,୨୫।୧୦

ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଦର୍ଶନ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ଝାନସୀ ରାଣୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା, ଡ.ସରୋଜ କୁମାର ନାୟକ, ଭାରତ ଶିକ୍ଷାରତ୍ନ ଶିକ୍ଷକ ଅମିତାଭ ମିଶ୍ର, ଅଧ୍ୟାପକ ଅଶୋକ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ମାଟ୍ରିକ ପରୀକ୍ଷା ପରେ ଛାତ୍ରଛାତ୍ରୀ କେଉଁ ବିଭାଗକୁ ପସନ୍ଦ କରିବା ଉଚିତ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ପ୍ରତି ଛାତ୍ରୀଛାତ୍ର କିପରି ଆଗ୍ରହ ପ୍ରକାଶ କରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

# ନଦୀ ଗର୍ଭରୁ ମିଳିଲା ଶିବମନ୍ଦିର ଭଗ୍ନାବଶେଷ

**ସଜନାଗଡ଼,୨୫।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମଛୁଆ ପଞ୍ଚାୟତ ନିକଟସ୍ଥ କାଠପାଳ ସୋନନଦୀ ଗର୍ଭରୁ ଗୁରୁବାର ଏକ ଶିବମନ୍ଦିରର ଭଗ୍ନାବଶେଷ ମିଳିଛି। ଗ୍ରାମର କେତେକ ଲୋକ ମାଛ ଧରିବା ପାଇଁ ଯାଇଥିବା ବେଳେ ଜଳସ୍ତର କମ୍ ଥିବାରୁ ସେଠାରେ ମନ୍ଦିରର ଅଗ୍ରଭାଗର କିଛି ଅଂଶ ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଆଖପାଖ ଗ୍ରାମବାସୀ ସେଠାରେ ପହଞ୍ଚିଛନ୍ତି।

ପ୍ରକାଶଥାଉ କି, ଏହାର କିଛି ଦୂରରେ ଅଯୋଧ୍ୟା ପଞ୍ଚାୟତ ରହିଛି। ସେଠାରେ ବହୁ ପୁରାତନ କାଳରୁ ରାଜାରାଜୁଡା ଅମଳରୁ ବିଭିନ୍ନ ଦେବୀଦେବଙ୍କ ମନ୍ଦିର ନିର୍ମାଣ



ସୋନ ନଦୀରେ ଶିବମନ୍ଦିରର ଅଗ୍ରଭାଗ।

କରାଯାଇଥିଲା। ଆଜି ବି ଏହି ଅଞ୍ଚଳରେ ମା' ମାରିଚିଙ୍କ ମନ୍ଦିର, ମୁଗୁନି ପଥରରେ ନିର୍ମିତ ପ୍ରାଚୀନ ମୂର୍ତ୍ତି ପୂଜା ପାଉଛନ୍ତି। ସେଠାରେ ଏବେ ରାଜ୍ୟ ସରକାରଙ୍କ ତରଫରୁ ଏକ ସଂଗ୍ରହାଳୟ ନିର୍ମାଣ କରାଯାଇ ଐତିହାସିକ ଅସ୍ତ୍ରଶସ୍ତ୍ର, ବିଭିନ୍ନ ପ୍ରକାରର ମୂର୍ତ୍ତି ସୁରକ୍ଷିତ ରଖାଯାଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ ପୂର୍ବରୁ ଅଯୋଧ୍ୟା ଅଞ୍ଚଳ ବୌଦ୍ଧ, ଜୈନ, ବୈଷ୍ଣବ ଧର୍ମର ପେଣ୍ଠସ୍ଥଳୀ ଥିଲା। ଏହା ରତ୍ନଗଡ଼ ନାମରେ ପରିଚିତ ଥିଲା। ଅଯୋଧ୍ୟାକୁ ଲାଗି ରହିଥିବା ଅଞ୍ଚଳରେ ପୂର୍ବରୁ ବହୁ ପ୍ରାଚୀନ ଭଗ୍ନାବଶେଷ ମିଳିଥିଲା। ଷୋଡ଼ଶ ଶତାବ୍ଦୀର ସୋନ ନଦୀ ସୃଷ୍ଟି ହେବା ପୂର୍ବରୁ ସେଠାରେ ଜନବସତି ଥିଲା ବୋଲି ଜଣାଯାଏ। କାଳକ୍ରମେ ସୋନ ନଦୀ ଗର୍ଭରେ ଉକ୍ତ ଜନବସତି ଲୀନ ହୋଇଯାଇଛି। ଏହି ମନ୍ଦିରଟି ସେହି ସମୟରେ ଅନୁମାନ କରାଯାଉଛି। ଏ ସମ୍ପର୍କରେ ଅଧିକ ଗବେଷଣା କରାଗଲେ ବହୁ ତଥ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ମହିଳାଙ୍କୁ ହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

**କପ୍ତିପଦା,୨୫।୧୦(ଡି.ଏନ୍.ଏ)**

କପ୍ତିପଦା ଥାନା ଅଧିନ ନଛିପୁର ଗୌଡଗାଁ ଗ୍ରାମର ଜଣେ ମହିଳା ଗତ ୨୦ ତାରିଖ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଝିଅକୁ ତାର ଶାଶୁ ଘର ଲୋକେ ମାରି ଦେଇଥିବାର କପ୍ତିପଦା ଥାନାରେ ମୃତା ମହିଳାଙ୍କ ବାପା ନିହାର ନାଏକ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ପୋଲିସ ମାମଲା (ନଂ ୧୨୫/୧୮) ରୁଜୁକରି ଏକ ମାମଲା ରୁଜୁ କରି ମହିଳାଙ୍କ ସ୍ୱାମୀ ଦେବେନ୍ଦ୍ର ମଢେଇଙ୍କୁ ଗିରଫ୍ କରି କୋର୍ଟଚାଲାଣ କରିଛି । ମହିଳାଙ୍କ ସ୍ୱାମୀ ସମେତ ଶାଶୁ, ଶ୍ୱଶୁର ମଧ୍ୟ ଏଥିରେ ସଂଶ୍ଳିଷ୍ଟ ଥିବା ଲିଖିତ ଅଭିଯୋଗରୁ ଜଣାଯାଇଛି ।

■ କୁଟୁରା ମାଂସ ଜବତ

# ୫ ବନ୍ଧୁକ ଜବତ, ୭ ଗିରଫ



ଅଭିଯୁକ୍ତ ଓ ଜବତ ସାମଗ୍ରୀ।

**କପ୍ତିପଦା,୨୫।୧୦(ଡି.ଏନ୍.ଏ.)**

କପ୍ତିପଦା ରେଞ୍ଜ୍ ପୋଡାଡିହା ସେକ୍ସନର ବଡ଼ଖମଣ ବିଟ୍ ଅଧୀନ ଡବିଗଡ ରାଜାରାଣୀ ପୋଖରୀ ନିକଟରୁ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ୮ କେଜି କୁଟୁରା ମାଂସ ଓ ୫ ଦେଶୀ ବନ୍ଧୁକ ଜବତ ହୋଇଛି। ଘଟଣାସ୍ଥଳରୁ ୭ ଶିକାରୀକୁ ବିଭାଗ ଗିରଫ କରିଥିବା ବେଳେ ସେମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ। ଗିରଫମାନେ ହେଲେ ଇଟାଗଡ଼ ଗ୍ରାମର ବୁକା ମାରାଣ୍ଡି, ମିର୍ଜା ସରେନ, ନାରାୟଣ ମୁର୍ମୁ, ଭାଜ ମାରାଣ୍ଡି ଓ ସାନକୁଣପାଳ ଗ୍ରାମର ଗିରିଶ ସରେନ, ସାବଳା ଟୁଡୁ, ଚାମ ସରେନ । ଶିକାରୀମାନେ ଶିମିଳିପାଳ କୋର୍ ଏରିଆ ଭିତରକୁ ଅସ୍ତ୍ରଶସ୍ତ୍ର ସହିତ ଶିକାର ଉଦ୍ଦେଶ୍ୟରେ ପଶିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବିଭାଗ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ କପ୍ତିପଦା ରେଞ୍ଜର ମହେଶ୍ୱର ସିଂ, ଅଞ୍ଜନ ଲେଙ୍କା, ନରେଶ ସେଠୀ, ଗୌତମ ସିଂ ଓ ସବୁଜ ବାହିନୀର ସଦସ୍ୟ ସାମିଲ ଥିଲେ।




# ଗହଣା ଦୋକାନରେ ଆୟକର ବିଭାଗର ଯାଞ୍ଚ



ବାରିପଦା ସହରର ଏକ ଗହଣା ଦୋକାନରେ ଯାଞ୍ଚ କରାଯାଉଛି।

**ବାରିପଦା ଅଫିସ,୨୫।୧୦**

ବାରିପଦା ସହରର ବିଭିନ୍ନ ଗହଣା ଦୋକାନରେ ଗୁରୁବାର ସନ୍ଧ୍ୟାରେ ଆୟକର ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ବାଲେଶ୍ୱର ଓ ବାରିପଦା ଆୟକର ଅଧିକାରୀଙ୍କ ବିଭିନ୍ନ ଟିମ ବାରିପଦା ଲାଲବଜାରଠାରେ ଥିବା ୩ ଗହଣା ଦୋକାନରେ ଯାଞ୍ଚ କରିଛନ୍ତି। ଏହା ସହିତ ଏକ ନିର୍ଦ୍ଦିଷ୍ଟ ହୋଟେଲ ଓ ରେଷ୍ଟୁରାଣ୍ଟରେ ମଧ୍ୟ ଏହି ବିଭାଗର ଅଧିକାରୀଙ୍କ ଏକ ଟିମ ଯାଞ୍ଚ କରିଛି। ତେବେ ଯାଞ୍ଚ ଶେଷ ହୋଇ ନ ଥିବାରୁ କିଛି ସୂଚନା ଦେବାକୁ ଆୟକର ବିଭାଗ ଅଧିକାରୀ ମନା କରିଦେଇଥିଲେ।

## ନିଆଁରେ ପୋଡି ହୋଇ ମହିଳା ମୃତ

**ବାଙ୍ଗିରିପୋଷି,୨୫।୧୦(ଡି.ଏନ.ଏ.)**

ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତ ନୂଆଗାଁର ଜଗଦୀଶ ନାଏକଙ୍କ ସ୍ତ୍ରୀ ସୁବାସିନି ନାଏକ(୨୫) ନିଆଁରେ ପୋଡି ହୋଇ ପ୍ରାଣ ହରାଇଛନ୍ତି। ଗତ ଶନିବାର ମଧ୍ୟରାତ୍ରିରେ ସୁବାସିନି ନିଆଁରେ ପୋଡି ହୋଇଯାଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦାସ୍ଥିତ ପିଆରଏମ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ବାଙ୍ଗିରିପୋଷି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।




# ୧୬ ଘଣ୍ଟା କାର୍ଯ୍ୟକ୍ଷମ ହେଲା ପଶ୍ଚିମପଟ ଟିକେଟ କାଉଣ୍ଟର

**ବାଲେଶ୍ୱର ଅଫିସ, ୨୫।୧୦**

ବାଲେଶ୍ୱର ରେଳଷ୍ଟେଶନକୁ ନବୀକରଣ କରାଯିବା ଓ ପଶ୍ଚିମପଟରେ ଟିକେଟ କାଉଣ୍ଟର ଖୋଲିବାକୁ ଦୀର୍ଘଦିନ ହେଲା ବିଭିନ୍ନ ସଙ୍ଗଠନ ସହ ସିଭିଲ ସୋସାଇଟି ପକ୍ଷରୁ ଦାବି ହୋଇଆସୁଥିଲା। ବୁଧବାର ଏହା ଆଂଶିକ ପୂରଣ ହୋଇଛି। ପଶ୍ଚିମପଟ ଟିକେଟ ବୁକିଂ କାଉଣ୍ଟର ପ୍ରତିଦିନ ୧୬ ଘଣ୍ଟା କାର୍ଯ୍ୟକାରୀ କରାଯାଇଛି।

ରେଳଷ୍ଟେଶନର ପଶ୍ଚିମପଟେ ବାଲେଶ୍ୱର ବସ୍‌ଷ୍ଟାଣ୍ଡ, ମୟୂରଭଞ୍ଜ ଜିଲାକୁ ସଂଯୋଗ ରାସ୍ତା, ଫକୀରମୋହନ ବିଶ୍ୱବିଦ୍ୟାଳୟ, ଫକୀରମୋହନ ମେଡ଼ିକାଲ କଲେଜ ଓ ଅନ୍ୟ ଶିକ୍ଷାନୁଷ୍ଠାନ ରହିଛି। ଲୋକଙ୍କ ଦାବି ପରେ ଏଠାରେ ଏକ ଟିକେଟ ବୁକିଂ କାଉଣ୍ଟର ଖୋଲାଯାଇଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇ ନ ଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ। ସିଭିଲ ସୋସାଇଟି ପକ୍ଷରୁ ବାଲେଶ୍ୱର ରେଳଷ୍ଟେଶନର ଆଧୁନିକୀକରଣ, ବିକାଶ କରିବା ସହ ଷ୍ଟେଶନ ପଶ୍ଚିମପଟରେ ଯାତ୍ରୀବାହୀ ଗାଡ଼ି ଚଳାଚଳ କରିବା ଓ ପ୍ଲାଟଫର୍ମ ନିର୍ମାଣ କରିବା ଲାଗି ଆନ୍ଦୋଳନ ହୋଇଆସୁଥିଲା। ପଶ୍ଚିମପଟ ଟିକେଟ ବୁକିଂ କାଉଣ୍ଟର ୧୬ ଘଣ୍ଟା କାର୍ଯ୍ୟକ୍ଷମ ହେବା ପରେ ସିଭିଲ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସମ୍ପାଦକ ମନୋଜ ନାୟକ, ହରମୋହନ ଦାଶ, ବିକାଶ ଦାଶ, ଅଜିତ ବରାଳ, ଘନଶ୍ୟାମ ବେଜ, ପରମେଶ୍ୱର ପାତ୍ର, ଅଭିରାମ ଦାସ, ସୁଦର୍ଶନ ଦାସ, ଜ୍ୟୋତ୍ସ୍ନା ସେନାପତି, ପ୍ରତିମା ପରିଡ଼ା, ରୋଜି ପଟ୍ଟନାୟକ, ରାଜଲକ୍ଷ୍ମୀ ଚାଟାର୍ଜୀ, ଶ୍ୟାମସୁନ୍ଦର ଜେନା, ସାଇରୁଲ ହକ୍ ପ୍ରମୁଖ ରେଳ ବିଭାଗ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।




ପଶ୍ଚିମପଟ ଟିକେଟ ବୁକିଂ କାଉଣ୍ଟର ସମ୍ମୁଖରେ ସିଭିଲ ସୋସାଇଟି କର୍ମକର୍ତ୍ତା






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ DHARITRI
ବାଲେଶ୍ୱର, ଶୁକ୍ରବାର, ୨୬ ଅକ୍ଟୋବର, ୨୦୧୮



## ସଂକ୍ଷେପରେ

### ନଦୀରେ ବୁଡ଼ିଗଲେ ଯୁବକ

**ଆନନ୍ଦପୁର, ୨୫।୧୦(ସ୍ୱ.ପ୍ର.):** ଘସିପୁରା ଥାନା ଦେଓଗାଁ ଗ୍ରାମର ଜଣେ ଯୁବକ ଗୁରୁବାର କୁଶେଇ (ନଦୀ)ରେ ବୁଡି ମୃତ୍ୟୁ ଘଟିଛି। ଗ୍ରାମର ସ୍ୱର୍ଗତ କାର୍ତ୍ତିକ ରାଉତଙ୍କ ପୁଅ ରମେଶ(୩୦) ସକାଳେ ନିକଟସ୍ଥ କୁଶେଇକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ତାଙ୍କର ଗୋଡ ଖସିଯିବାରୁ ଗଭୀର ଜଳରେ ବୁଡି ଯାଇଥିଲେ। ଗ୍ରାମବାସୀ ବହୁ ଖୋଜାଖୋଜି କରି ରମେଶଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ପରେ ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରମେଶଙ୍କ ଅକାଳ ବିୟୋଗକୁ ନେଇ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟ ପରିସରରେ ଦୁଇ ଘଣ୍ଟା ପାଇଁ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରମେଶ ବର୍ଷେ ତଳେ ବିବାହ ହୋଇଥିଲେ। ତାଙ୍କର ୭ ମାସର ଗୋଟିଏ ଶିଶୁ ପୁତ୍ର ଅଛନ୍ତି। ଅନ୍ୟ ପକ୍ଷରେ ଅଳ୍ପ ବୟସରେ ରମେଶର ଅକାଳ ବିୟୋଗକୁ ସହଜରେ ବନ୍ଧୁ ପରିବାରବର୍ଗ ଗ୍ରହଣ କରି ପାରୁ ନ ଥିବାରୁ ଏକ ଅସ୍ୱାଭବିକ ପରିବେଶ ସୃଷ୍ଟି ହୋଇଥିଲା। ରେମଶଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି। ଆନନ୍ଦପୁର ଏମପି ପ୍ରତିନିଧି ଦେବପ୍ରିୟ ପାତ୍ର ରମେଶର ମୃତଦେହ ନିକଟରେ ପହଞ୍ଚିବା ସହ ଶୋକ ସନ୍ତପ୍ତ ପରିବାବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ।

### ଫସଲ କ୍ଷତିକୁ ନେଇ ହତ୍ୟାକାଣ୍ଡ

**କେନ୍ଦୁଝର, ୨୫।୧୦(ସ୍ୱ.ପ୍ର.):** ଗୋରୁପଲ ବିଲରେ ପଶି ଧାନ ଖାଇବାକୁ ବିବାଦ ପରେ ଏକ ହତ୍ୟାକାଣ୍ଡ ଘଟିଛି। ଏଭଳି ଘଟଣା ସଦର ଥାନା ଅନ୍ତର୍ଗତ କଣ୍ଡରାପଶି ପଞ୍ଚାୟତ କୁଞ୍ଜରଡିହି ଗ୍ରାମରେ ଗୁରୁବାର ଅପରାହ୍ଣରେ ଘଟିଛି। ମୃତକଙ୍କ ନାମ ସନିଆ ବେହେରା (୬୦)। ପୋଲିସ ଖବର ପାଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି। ଗୁରୁବାର ସନିଆ ନିଜର ଗୋରୁପଲ ଧରି ନିଜ ବିଲକୁ ଚରାଇବାକୁ ଯାଇଥିଲେ। ତାଙ୍କ ବିଲ ପାଖରେ ମୁଣ୍ଡା ଆଦିବାସୀ ଲୋକଙ୍କ ଜମି ରହିଛି। ଗୋରୁପଲ ଆଦିବାସୀ ବିଲରେ ପଶି ଧାନ ଖାଇଦେବାକୁ ବିବାଦ ଦେଖାଦେଇଥିଲା। ଏ ନେଇ ଉତ୍ୟକ୍ତ ଲୋକ ତାଙ୍କୁ ଠେଙ୍ଗା ଓ ଟଙ୍ଗିଆରେ ଆକ୍ରମଣ କରି ମାରିଦେଇଥିବା ଅଭିଯୋଗ ହୋଇଛି। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ପୋଲିସ ବିଳମ୍ବରେ ପହଞ୍ଚି ଥିଲା। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ନ ଥିବା ଜଣାଯାଇଛି।

# ମଉଳିଲା ଧାନ ଅମଳ ଆଶା

**ଝୁମ୍ପୁରା, ୨୫।୧୦(ଡି.ଏନ.ଏ.):**


କେଣ୍ଡା ବାହାରୁ ନ ଥିବା ଧାନ ଫସଲ।

ଧାନ ଗଛ ଭଲ ହୋଇଛି। ମାତ୍ର ଧାନରୁ କେଣ୍ଡା ବାହାରୁ ନାହିଁ। ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତିଲାଣି। ଗଛରେ ଧାନ କେଣ୍ଡା ବାହାରୁ ନାହିଁ। ଫୁଲ କେବେ ହେବ, ଧାନ କିପରି ଅମଳ ହେବ ସେ ନେଇ ଚାଷୀକୂଳ ଚିନ୍ତାରେ ରହିଛନ୍ତି। ଅନ୍ୟପକ୍ଷରେ ଜଙ୍ଗଲାଞ୍ଚଳ ହୋଇଥିବାରୁ ବାରମ୍ବାର ହାତୀ ଉପଦ୍ରବ ଲାଗି ରହିଛି। ଧାନ କ୍ଷେତକୁ ଜଗିବା, ରାତି ଅନିଦ୍ରା ହୋଇ ହାତୀ ଘଉଡାଇବା, ଧାନ କେଣ୍ଡା ବାହାରି ନ ଥିବାରୁ ଧାନ ଅମଳ କେବେ ହେବ ଏ ନେଇ ଆଶଙ୍କା ପ୍ରକାଶ ପାଇଛି। ଝୁମ୍ପୁରା ବ୍ଲକରେ ଜଗତଜନନୀ ସେବା ଟ୍ରଷ୍ଟ ଦ୍ୱାରା କାବେରୀ ଧାନ ବିହନ ମାଗଣାରେ ବଣ୍ଟା ଯାଇଥିଲା। ମାଗଣା ଧାନ ବିହନ ପାଇଁ ଚାଷୀମାନେ ଜମି ପଟ୍ଟାର ନକଲ, ଭୋଟର ପରିଚୟ ପତ୍ର ଜମା କରିଥିଲେ। ଉକ୍ତ ଟ୍ରଷ୍ଟ ଦ୍ୱାରା ଜାରି ସଦସ୍ୟ କୁପନ ସହ ଧାନ ବିହନ 'କାବେରୀ' ଚାଷୀଙ୍କୁ ଦିଆଯାଇଥିଲା। ଚାଷୀମାନେ ଧାନ ବିହନ ବିଲରେ ବୁଣିବା ଥିଲେ। କୃଷି କାର୍ଯ୍ୟାଳୟର ପରାମର୍ଶ ଗ୍ରହଣ କରାଯାଇ ନ ଥିଲା। ଫଳରେ ଗଛରୁ ଧାନ କେଣ୍ଡା ବାହାରୁ ନାହିଁ ବୋଲି କେତେକ ଚାଷୀ ଅଭିଯୋଗ କରିଛନ୍ତି।

ସାଧାରଣତଃ ଝୁମ୍ପୁରା ବ୍ଲକରେ ଜଳସେଚିତ ଜମିର ପରିମାଣ କମ ରହିଛି। ପାହାଡିଆ ଅଞ୍ଚଳ ହୋଇଥିବାରୁ ବର୍ଷାଜଳ ଉପରେ ହିଁ ନିର୍ଭର କରି ଧାନ ଚାଷ କରାଯାଇଥାଏ। କମ ସମୟ ଅବଧି ଭିତରେ ହେଉଥିବା ଧାନକୁ ଚାଷୀମାନେ ଅଗ୍ରାଧିକାର ଦେଇଥାନ୍ତି। ଜଗତଜନନୀ ସେବା ଟ୍ରଷ୍ଟ (ବେସରକାରୀ) ଦ୍ୱାରା ଏଜେଣ୍ଟ ନିଯୁକ୍ତ କରାଯାଇ ଚଳିତ ବର୍ଷ ସଦସ୍ୟ ସଂଗ୍ରହ ଆଳରେ ଚାଷୀଙ୍କୁ ଧାନ ବିହନ ବଣ୍ଟନ କରାଯାଇଥିଲା। ଏବେ ଧାନରୁ କେଣ୍ଡା ବାହାରୁ ନ ଥିବାରୁ ଚାଷୀଙ୍କୁ ଚିନ୍ତା ଘାରିଛି। ଏ ନେଇ ଝୁମ୍ପୁରା ବ୍ଲକ ଅନ୍ତର୍ଗତ କୁଟୁଗାଁ, ନହବେଡା ପଞ୍ଚାୟତର କେତେ ଜଣ ଚାଷୀ ଉକ୍ତ ଟ୍ରଷ୍ଟର ଅଧିକାରୀମାନଙ୍କୁ ଅଭିଯୋଗ କରିବା ସହ କୃଷି ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ଝୁମ୍ପୁରା ବ୍ଲକ କୃଷି ଅଧିକାରୀ ଭାସ୍କର ପାଢୀଙ୍କୁ ପଚାରିବାରୁ କାବେରୀ ଧାନ ବଣ୍ଟନ ସମ୍ବନ୍ଧରେ କେବଳ ଶୁଣିବାକୁ ପାଇଛୁ। ଧାନ ବିହନ ଚାଷିଙ୍କୁ ବଣ୍ଟନ ପୂର୍ବରୁ ବିହନ ପରୀକ୍ଷା କରିବା ଜରୁରୀ ଥିଲା। କୃଷି ବିଭାଗକୁ ଯୋଗାଯୋଗ କରାଗଲା ନାହିଁ। ଏବେ କ'ଣ କରାଯିବ। ଧାନ ବିହନ ଯୋଗାଇଥିବା ଟ୍ରଷ୍ଟ ହିଁ ଏଥିପାଇଁ ଉତ୍ତରଦାୟୀ ରହିବ ବୋଲି ସେ କହିଛନ୍ତି।

**ଚିନ୍ତାରେ ଚାଷୀକୁଳ**
- ବେସରକାରୀ ଟ୍ରଷ୍ଟ ବାଣ୍ଟିଥିଲା ବିହନ
- ଗଛରୁ ବାହାରୁନି ଧାନକେଣ୍ଡା
- କୃଷି ବିଭାଗ ନିକଟରେ ସୂଚନା ନାହିଁ

# ୨୭ରେ ସ୍ୱାଭାବିକ ହେବ ଆନନ୍ଦପୁର କୋର୍ଟ କାର୍ଯ୍ୟ

**ଆନନ୍ଦପୁର, ୨୫।୧୦(ସ୍ୱ.ପ୍ର.)**

ଆନନ୍ଦପୁର ଅଞ୍ଚଳର ମୋହକିଲମାନଙ୍କର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆସନ୍ତା ୨୭ରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହେବ ବୋଲି ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ଗୁରୁବାର ଏକ ବୈଠକ ଡକାଯାଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଇନଜୀବୀମାନେ କୋର୍ଟ କାର୍ଯ୍ୟରେ ଯୋଗଦାନ ନିମନ୍ତେ ନିଷ୍ପତ୍ତି ଗ୍ରହଣ ହୋଇଛି। ହାଇକୋର୍ଟରେ ଚାଲିଥିବା ଆନ୍ଦୋଳନକୁ ଆନନ୍ଦପୁର କୋର୍ଟର ଆଇନଜୀବୀ ନୈତିକ ସମର୍ଥନ ଦେବେ ବୋଲି ସୂଚନା ଦେଇଛନ୍ତି। ଦୀର୍ଘ ମାସ ହେଲା ଆଇନଜୀବୀଙ୍କ ଆନ୍ଦୋଳନ ଚାଲୁ ରହିଥିବାବେଳେ କୋର୍ଟ ଉପରେ ନିର୍ଭର କରାଯାଉଥିବା ସାଧାରଣରୁ ଅତି ସାଧାରଣ କାର୍ଯ୍ୟ ବି ପ୍ରଭାବିତ ହୋଇ ଆସୁଥିଲା। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ।

ବୈଠକରେ ସଂଘର ଉପସଭାପତି ବାଇଧର ସେଠୀ, ସମ୍ପାଦକ ଅମର ମହାପାତ୍ର, ସହସମ୍ପାଦକ ଭରତ ଚନ୍ଦ୍ର ସେଠୀ, କୋଷାଧକ୍ଷ ଅଶୋକ ରାଉଳ, କାର୍ଯ୍ୟକାରୀ ସଦସ୍ୟ ଉମେଶ ମାହନ୍ତି, ପ୍ରଦୀପ ଜେନା, କହ୍ନେଇ ଚରଣ ସାହୁ ପ୍ରମୁଖଙ୍କ ସମେତ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ପଟ୍ଟନାୟକ କିଶୋର ଚକ୍ର, ହୃଦାନନ୍ଦ ଦ୍ୱିବେଦୀ, ରବୀନ୍ଦ୍ର ବେହେରା, ଜନାର୍ଦ୍ଦନ ମିଶ୍ର, ରମେଶ ସାହୁ, ବିଜୟ ଦାସ, ବସନ୍ତ ଘଡେଇ, ଦେବପ୍ରକାଶ ଦାସ, ସରୋଜ କାନ୍ତ ପରିଡା, ଭଗବାନ ମଲ୍ଲିକ, ମାନସ ରଞ୍ଜନ ସାହୁ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଆଇନଜୀବୀ ସାମିଲ ହୋଇଥିଲେ।

■ ପରିବେଶ ସୁରକ୍ଷା ନେଇ ବୈଠକ

# ନୀତିନିୟମ ପାଳନକୁ ଗୁରୁତ୍ୱ

**କେନ୍ଦୁଝର, ୨୫।୧୦(ସ୍ୱ.ପ୍ର.)**

ସମ୍ପ୍ରତି ଦେଶରେ ପରିବେଶ ପ୍ରଦୂଷଣକୁ ନେଇ ସରକାର ଚିନ୍ତାରେ ରହିଛନ୍ତି। ଏ ନେଇ ସିଏସଆଇଆର ( କାଉନସିଲ ଅଫ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ) ଅଧୀନସ୍ଥ ଏନ୍‌ଇଇଆରଆଇ (ନେରୀ) ବା (ନ୍ୟାସନାଲ ଏନଭିରନମେଣ୍ଟାଲ ଇଂଜିନିୟରିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ) ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ନୀତିନିୟମ ନିର୍ଦ୍ଧାରଣ କରାଯାଇଛି। ଏହି ନୀତିନିୟମକୁ ଲାଗୁ କରିବା ପାଇଁ ଚିଫ ସେକ୍ରେଟେରୀ ରାଜ୍ୟ ସରକାରଙ୍କ ଅଧକ୍ଷତାରେ ୨୧ ଜୁନରେ ବସି ନେରୀ ନୀତିନିୟମ ପାଳନ କରିବାକୁ ଆଲୋଚନା କରାଯାଇଥିଲା। ଏ ନେଇ ଗୁରୁବାର କେନ୍ଦୁଝର ଜିଲାପାଳଙ୍କ ମିନି କନଫରେସନ ହଲଠାରେ ଉକ୍ତ ନୀତିନିୟମ ପାଳନ କିପରି ଚାଲିଛି ସେ ନେଇ ଜିଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସପି ଜୟରାମ ପଙ୍କଜ, ଖଣି ଉପନିର୍ଦ୍ଦେଶକ, ଯୋଡା ସୁଶାନ୍ତ କୁମାର ନାୟକ ସମେତ ଖଣି ବିଭାଗ ଅନ୍ୟ ଅଧିକାରୀ ଏବଂ ବିଭିନ୍ନ ଖଣି ସଂସ୍ଥାର ଲିଜଧାରୀ ଓ ପ୍ରତିନିଧି ଉପସ୍ଥିତ ଥିଲେ। ବୈଠକରେ ତ୍ରିବେଣୀ, ସିରାଜୁର୍ଦ୍ଦିନ, କେଜେଏସ ଆହ୍ଲୁଓ୍ୱାଲିଆ, କେଏନ ରାମ ସମେତ ୧୨ ରୁ ଉର୍ଦ୍ଧ୍ୱ ଖଣି ଲିଜଧାରୀ ଓ ପ୍ରତିନିଧି ସାମିଲ ହୋଇ ଆଲୋଚନାରେ ଭାଗ ନେଇଥିଲେ। ସମସ୍ତ ଖଣି ସଂସ୍ଥା ନେରୀ ଦ୍ୱାରା ନିର୍ଦ୍ଧାରିତ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ନୀତିନିୟମ ପାଳନ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ନେରୀ ଦ୍ୱାରା ଅନୁମୋଦିତ କାର୍ଯ୍ୟ ପାଇଁ ଅର୍ଥ ଖର୍ଚ୍ଚ କରାଯାଇପାରିବ ବୋଲି ଜିଲାପାଳ ଆଶିଷ ଠାକରେ କହିଛନ୍ତି। ବାର୍ଷିକ ଖଣିଜ ପଥର ଉତୋଳନ ସୀମା ନିର୍ଦ୍ଧାରଣ କରିବା, ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ନୀତି ନିର୍ଦ୍ଧାରଣ କରାଯାଇଛି। ଖଣିଠାରୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ରାସ୍ତା କଂକ୍ରିଟ କରିବା, ପାର୍କି ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ବାୟୁ ପ୍ରଦୂଷଣ ରୋକିବା ପାଇଁ ପରିବହନ ବେଳେ ଖଣିଜପଥର ବୋଝେଇ ଟ୍ରକ୍ ଗୁଡିକୁ ତାରପୋଲିନ ଘୋଡାଇବା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ନୂତନ ରେଳଲାଇନ ଓ ରେଳସାଇଡିଂ ନିର୍ମାଣ କରିବା ଉପରେ ଆଲୋଚନା ହୋଇଥିଲା। ରେଳବାଇ ବିଭାଗ, ପୂର୍ତ୍ତ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜଙ୍ଗଲ ଓ ପରିବେଶ ବିଭାଗ, ଇସ୍ପାତ ଓ ଖଣି ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ ନେରୀ ଦ୍ୱାରା ନିର୍ଦ୍ଧାରିତ ନୀତିନୟମ ପାଳନ ଓ କାର୍ଯ୍ୟକାରୀତା ଉପରେ ନିରୀକ୍ଷଣ କରିବେ ବୋଲି ଆଲୋଚନା ହୋଇଛି।

### କାଳୀ ପୂଜା ପ୍ରସ୍ତୁତି ବୈଠକ

**କେନ୍ଦୁଝର, ୨୫।୧୦(ସ୍ୱ.ପ୍ର.)**

ପବିତ୍ର କାଳୀ ପୂଜା ପାଇଁ ଶଶ୍ମାନ କାଳୀ କମିଟି କାଶିପୁର ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କମିଟି ସଭା ଗୃହଠାରେ ସଭାପତି ଅଜୟ କୁମାର ଦାସଙ୍କ ନେତୃତ୍ୱରେ ପୂଜାର ପ୍ରସ୍ତୁତି ନେଇ ସବିଶେଷ ଆଲୋଚନା ହୋଇଥିଲା। ଆସନ୍ତା ନଭେମ୍ବର ୬ରୁ ପୂଜା ଆରମ୍ଭ ହୋଇ ୧୪ରେ ଭସାଣି ପର୍ଯ୍ୟନ୍ତ ଆଠ ଦିନ ଧରି ପୂଜା ଜାକଜକମରେ ପାଳନ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୁଉଚ୍ଚ ତୋରଣ କମିଟି ପକ୍ଷରୁ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

୩୦ ବର୍ଷରେ ପଦାର୍ପଣ କରିଥିବା କାଶିପୁର ପୂଜା କମିଟି ଚଳିତ ବର୍ଷ ଭିକ୍ଟୋରିଆ ପ୍ୟାଲେସ ତୋରଣ ସହ କାଶିପୁରଠାରୁ ମଣ୍ଡୁଆ ପର୍ଯ୍ୟନ୍ତ ବିଭିନ୍ନ ଆଲୋକମାଳାରେ ସଜାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କମିଟି ପକ୍ଷରୁ ମିନାବଜାର ପକାଇବା ପାଇଁ ସ୍ଥିର ହୋଇଛି। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା କମିଟିର ସଭାପତି ଅଜୟ କୁମାର ଦାସ ପ୍ରକାଶ କରିଛନ୍ତି।

■ ଅଜଣା ରୋଗ ଭୟ

# ବଡ଼ମହୁଲଡିହାରେ ଡାକ୍ତରୀ ଦଳ


ଡାକ୍ତରୀ ଦଳ ରକ୍ତନମୁନା ସଂଗ୍ରହ କରୁଛନ୍ତି।

**ପାଟଣା, ୨୫।୧୦(ସ୍ୱ.ପ୍ର.)**

ପାଟଣା ବ୍ଲକ ଚିନାମାଳିପଶି ପଞ୍ଚାୟତ ବଡମହୁଲଡିହା ମୁଣ୍ଡା ସାହିରେ ଲୋକଙ୍କୁ ଅଜଣା ରୋଗ ଭୟ ଘାରିଛି। ଗ୍ରାମର କାଣ୍ଡେ ମୁଣ୍ଡାଙ୍କ ୨ ଶିଶୁକନ୍ୟା ରୂପାଲି (୪), ରାଣୀ(୨)ଙ୍କ ଅଜଣା ରୋଗରେ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାର ୧୨ ଦିନ ନ ପୁରୁଣୁ ସେହି ଗାଁର ଗୋପୀ ମୁଣ୍ଡାଙ୍କ ଝିଅ ଦମୟନ୍ତୀ, ଟୁନୁ ମୁଣ୍ଡାଙ୍କ ସ୍ତ୍ରୀ ସୋମବାରୀଙ୍କ ଗତ ରବିବାରରୁ ହଠାତ ଦେହ ଅସୁସ୍ଥ ହୋଇଥିଲା। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ ଗାଁ ଲୋକ ଭୟଭୀତ ହୋଇପଡିଛନ୍ତି। ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟ କର୍ମୀ ଇନ୍ଦିରା ସେଠୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଦମୟନ୍ତୀଙ୍କୁ ଘଟଗାଁ ଡାକ୍ତରଖାନା ଓ ସମୋବାରୀଙ୍କୁ କେନ୍ଦୁଝର ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଗ୍ରାମକୁ ରବିବାର ପାଟଣାରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡାକ୍ତରୀ ଦଳରେ ଡା. ଯଶୋବନ୍ତ ମହାନ୍ତ ଓ ଚନ୍ଦ୍ରିକା ମହାନ୍ତ ପ୍ରମୁଖ ଯାଇଥିଲେ। ୫୮ ଗ୍ରାମବାସୀଙ୍କର ରକ୍ତନମୁନା ସଂଗ୍ରହ କରି ପରୀକ୍ଷା କରିଛନ୍ତି। ବୁଧବାର ଏଡିପିଏଚ ଓ ଭିଭିଡ଼ି (ଡେଙ୍ଗୁ, ମ୍ୟାଲେରିଆ ଓ ଜାପାନୀ ଜ୍ୱରର ମୁଖ୍ୟ ଚିକିତ୍ସକ) କେନ୍ଦୁଝରର ଡା. ଦେବାନନ୍ଦ ଦାସଙ୍କ ନେତୃତ୍ୱରେ ଏକ ବିଶେଶଜ୍ଞ ଡାକ୍ତରୀ ଦଳ ଉକ୍ତ ଗାଁ ପରିଦର୍ଶନ କରି ଫେରିଛନ୍ତି। ଏ ନେଇ ଡା. ଦେବେନ ଦାସଙ୍କୁ ପାଚାରିବାରୁ ଗାଁର ସ୍ଥିତି ଉପରେ ଦୃଷ୍ଟି ରଖାଯାଇଛି। ରକ୍ତ ନମୁନା ସଂଗ୍ରହ କରାଯାଇଛି। କୌଣସି ବ୍ୟକ୍ତିଙ୍କଠାରେ ମେଲେରିଆ କିମ୍ବା ଜାପାନୀ ଏନସେଫାଲାଇଟ୍ସ ରୋଗ ନ ଥିବା ସେ କହିଛନ୍ତି। କୌଣସି ବିଷାକ୍ତ ଛତୁ କିମ୍ବା ଖାଦ୍ୟ ଖାଇ ସେମାନେ ଅସୁସ୍ଥ ହୋଇଥିବା ଆଲୋଚନା ହେଉଛି।

■ ନୀଳାଦ୍ରିର କୁମାର ପୂର୍ଣ୍ଣିମା, ବାର୍ଷିକୋତ୍ସବ

# ଗୀତରେ ମତୁଆଲା ହେଲେ ଦର୍ଶକ

**ବଡବିଲ, ୨୫।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲରେ ଶତାଧିକ ମହିଳା ସମୂହ ଚନ୍ଦ୍ର ବନ୍ଦାପନା କରିଛନ୍ତି। ବଡବିଲର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରି ତରଫରୁ ବୁଧବାର ସନ୍ଧ୍ୟାରେ କୁମାରୋତ୍ସବ ଅବସରରେ ବାର୍ଷିକୋତ୍ସବର ଆୟୋଜନ କରାଯାଇଥିଲା। ଓଡ଼ିଶାର ପାରମ୍ପାରିକ ରୀତିନୀତିରେ କୁମାର ପୂର୍ଣ୍ଣିମା ସନ୍ଧ୍ୟାରେ ନୀଳାଦ୍ରି ପରିବାରର ଶତାଧିକ ମହିଳା ଓ ଝିଅମାନେ ଶଙ୍ଖ ସହ ହୁଳହୁଳି ଦେଇ ଦୀପ ସାହାଯ୍ୟରେ ଚନ୍ଦ୍ର ବନ୍ଦାପନା କରିଥିଲେ। ବନ୍ଦାପନା ପରେ ସ୍ଥାନୀୟ ଶ୍ରୀମଣ୍ଡପରେ ଲାଗି ହୋଇଥିବା ଚାନ୍ଦ ଭୋଗ ବିତରଣ କରାଯାଇଥିଲା।

ପରେ ଅନୁଷ୍ଠାନର ବାର୍ଷିକୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅତିଥି ଭାବେ ସିନେ ତାରକା ବିରଞ୍ଚି ନାରାୟଣ ନାୟକ ଓ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଭାଷ୍ୟକାର ଶରଣାବିନ୍ଦ ଓଝା ପ୍ରମୁଖ ଯୋଗ ଦେଇଥିଲେ। କୁଆର ପୁନେଇଁ ଜହ୍ନ ଗୀତରେ ସ୍ଥାନୀୟ କୁନି କଳାକାରଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ହୋଇଥିଲା। ବର୍ଷୀୟାନ କଣ୍ଠ ଶିଳ୍ପୀ ତାନସେନ ସିଂହଙ୍କ ପୁରୁଣା ରୋମାଣ୍ଟିକ ଓଡ଼ିଆ ସଂଗୀତ ଝୁମକା ଟିକେ ଡୁଡ ହଲେଇ ଦେ ଭଳି ଅନେକ ହୃଦୟସ୍ପର୍ଶୀ ସଂଗୀତ ପରିବେଷଣ ଦର୍ଶକଙ୍କୁ ମତୁଆଲା କରିଥିଲା। ବଂଶୀଧର ସାହୁଙ୍କ ବଂଶୀ ଓ ସେକ୍ସୋଫୋନର ମଧୁର ସୁରରେ ମଜ୍ଜି ରହିଥିଲେ ଦର୍ଶକ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଓ ସେମାନଙ୍କ ପରିବାର ସହ ଅଞ୍ଚଳର ଅଧିକାଂଶ ଓଡ଼ିଆ ପରିବାର ଏହି ଉତ୍ସବରେ ସାମିଲ ହୋଇଥିଲେ।


ନୀଳାଦ୍ରି ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି ଓ ଦର୍ଶକ।

### ଜନ୍ମ ଦିନରେ ରକ୍ତଦାନ

**ଆନନ୍ଦପୁର, ୨୫।୧୦(ସ୍ୱ.ପ୍ର.)**

ଆନନ୍ଦପୁର ଅଞ୍ଚଳର ସମାଜସେବୀ ତଥା ଏମ୍‌ପି ପ୍ରତିନିଧି ଦେବପ୍ରିୟ ପାତ୍ର ନିଜର ଜନ୍ମ ଦିନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। ପ୍ରତିବର୍ଷ ପରି ପାତ୍ର ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଗୋଟିଏ ୟୁନିଟ୍ ରକ୍ତ ଦାନ କରିଥିଲେ। ସେ ଜନ୍ମ ଦିନକୁ ନିରାଡମ୍ବର ଭାବେ ପାଳନ କରିଆସୁଥିବା ବେଳେ ଦୁଃଖିଙ୍କ ହିତ ଉଦ୍ଦେଶ୍ୟରେ ରକ୍ତ ଦାନ କରିଆସୁଥିବା ପାତ୍ର ପ୍ରକାଶ କରିଛନ୍ତି। ଟେକନିସିଆନ୍ ଦେବରାଜ୍ ସାହୁ ପାତ୍ରଙ୍କୁଠାରୁ ରକ୍ତ ସଂଗ୍ରହ କରିବା ସହ ତାଙ୍କ ପାଇଁ ଆବଶ୍ୟକ ମିଷ୍ଟାନ୍ନର ବ୍ୟବସ୍ଥା କରିଥିଲେ। ପାତ୍ର ଏତାଦୃଶ କାର୍ଯ୍ୟକୁ ସବୁ ମହଲରେ ସ୍ୱାଗତ କରାଯାଇଛି।

# ତେଲକୋଇରେ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ

**ତେଲକୋଇ, ୨୫।୧୦(ଡି.ଏନ.ଏ.)**

ତେଲକୋଇ ମୁଖ୍ୟାଳୟର ଚାରିଗଡ଼ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଗୁରୁବାର 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଯୋଗ ଦେଇଥିଲେ। ବ୍ଲକ କାର୍ଯ୍ୟାଳରୁ ବଜାର ଅଞ୍ଚଳ ଦେଇ ବିଜୁ ଯୁବ ବାହିନୀର ପଦଯାତ୍ରା ଚାରିଗଡ ମହାବିଦ୍ୟାଳୟ ପଡ଼ିଆରେ ପହଞ୍ଚି ଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ବେଦବ୍ୟାସ ନାୟକ, ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, କାନନ ବିହାରୀ ପହି, ସୌମ୍ୟରଞ୍ଜନ ଚକ୍ର, ମାଧବ ସର୍ଦ୍ଦାର, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଣୀ, ଜିଲା ପରିଷଦ କମଳିନୀ ଦଣ୍ଡପାଟ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ୨୨ଟି ପଞ୍ଚାୟତର କମ ସଂଖ୍ୟାକ ବିଜୁଯୁବ ବାହିନୀର ଯୋଗଦାନକୁ ନେଇ ମନ୍ତ୍ରୀ ପାତ୍ର କ୍ଷୋଭ ପ୍ରକାଶ କରିଥିଲେ। ଶେଷରେ ୭ ଜଣ ଯୁବ ବାହିନୀ କାର୍ଯ୍ୟକର୍ତ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ବିଡିଓ ଦିଲ୍ଲିପ କୁମାର ବାରା ସଭା ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର(ମଝି)ଙ୍କ ସହ ଅନ୍ୟମାନେ।

# ଫକୀରପୁରରେ ଯୁବ ଉତ୍ସବ

**ଆନନ୍ଦପୁର, ୨୫।୧୦(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଫକୀରପୁର ଯୁବକ ସଂଘର ଆହ୍ୱାନକ୍ରମେ ବାଲୁଙ୍କେଶ୍ୱର ମନ୍ଦିରରେ ଯୁବ ଉତ୍ସବ ହୋଇଯାଇଛି। ଗ୍ରାମର ଶତାଧିକ ଯୁବକ ଉପସ୍ଥିତ ରହିଥିଲେ। ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ସମସ୍ୟା ଗୁଡିକର ସମାଧାନ ନିମନ୍ତେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମୁଖ୍ୟ ସମସ୍ୟା ମଧ୍ୟରେ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉଚ୍ଚ ବିଦ୍ୟାଳୟର ଶ୍ରେଣୀ ଗୃହ ଅଭାବ, ବିଇଡି କଲେଜର ଭିତିଭୂମି ସମସ୍ୟା ଓ ଗ୍ରାମର ମୁଖ୍ୟ ରାସ୍ତାର ଦୁରବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା।

ଯେ କୌଣସି ସମସ୍ୟା ସୃଷ୍ଟି ହେଲେ ଦଳମତ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ଲଢେଇ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମାଜସେବୀ ସରୋଜ କୁମାର ସାହୁ, ମାଧବାନନ୍ଦ ପଣ୍ଡା, ଲକ୍ଷ୍ମୀଧର ଦାସ, ବିଜୟ ଶେଣ୍ଠ, ତ୍ରିଲୋଚନ ସାହୁ, ଶୋଭରାଜ ସାହାଣୀ, ସରୋଜ ପଣ୍ଡା, ଶକ୍ତି ପ୍ରସାଦ ସା, ପ୍ରସନ୍ନ ନାହାକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ଦିବ୍ୟରଞ୍ଜନ ସେଠୀ, ଦିଲ୍ଲୀପ ସାହୁ, ଜିତେନ୍ଦ୍ର ନାହାକ, ଶଙ୍କର ପ୍ରସାଦ ନାଥ, ରବିନାରାୟଣ ନାହାକ, ନୀଳମଣି ରାଉଳ, ଗିରିଜା ଶଙ୍କର ନାହାକ, ତାପସ ସାହୁ, ଦେବେନ୍ଦ୍ର ସାହାଣୀ, ସନ୍ତୋଷ ମହାଳିକ ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ଫକୀରପୁର ଯୁବ ଉତ୍ସବରେ ଉପସ୍ଥିତ ଯୁବକମାନେ।

# ଜିଲାର ପ୍ରଥମ ପୁସ୍ତକ ଭଣ୍ଡାର

**କେନ୍ଦୁଝର, ୨୫।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ପ୍ରଥମ ଦୋକାନ ଭାବେ ପରିଚିତ ପୁସ୍ତକ ଭଣ୍ଡାର। ସେହି ଦୋକାନ କେନ୍ଦୁଝର ସହର ସାମନ୍ତରାୟପୁର ସାହିରେ ଚାଲିଛି। ଗୋଟିଏ ଦୋକାନରେ ସବୁ ପ୍ରକାରର ସାମଗ୍ରୀ ଉପଲବ୍ଧ ହେବାର ସ୍ୱାତନ୍ତ୍ରତା ବହୁ ଆଗରୁ ରହିଆସିଛି। ଏବେ ମଧ୍ୟ ଏହାର ବିଶ୍ୱସନୀୟତା ଜିଲାରେ ରହିଛି। ବହୁ ଆଗରୁ ଉକ୍ତ ଦୋକାନ ଖୋଲିଥିଲେ ହେଁ ୧୯୬୦ରେ ଏହା ପଞ୍ଜୀକୃତ ହୋଇଥିଲା। ପ୍ରତିଷ୍ଠାତା ଥିଲେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମିଶ୍ର (ଟୁରୀ ନନା)। ପୁରୁଣା ବଜାର (ବଡଦାଣ୍ଡ)ରେ ଉକ୍ତ ଦୋକାନ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ଅର୍ଥାତ ୧୯୬୮ରେ ସାମନ୍ତରାୟପୁର (ଡି.ଏନ.ହାଇସ୍କୁଲ ନିକଟ)କୁ ସ୍ଥାନାନ୍ତରିତ ହୋଇଥିଲା। ଏବେ ତାହାର ଦାୟିତ୍ୱ ତୁଲାଉଛନ୍ତି ତାଙ୍କ ପୁଅ ମାନସ ମିଶ୍ର। ଦୋକାନରେ ବହି, ଖେଳା ଉପକରଣ, ଅଫିସ ସାମଗ୍ରୀ, ଲୁହା ସାମଗ୍ରୀ, ମନହରୀ, ଦରି, ତାରପୋଲିନ, ପୂଜା ସାମଗ୍ରୀ, ବିଦ୍ୟୁତ୍ ଉପକରଣ ଆଦି ସବୁ ପ୍ରକାରର ଛୋଟ ବଡ ସାମଗ୍ରୀ ଗୋଟିଏ ଦୋକାନରେ ଉପଲବ୍ଧ ହୋଇ ଆସୁଛି।

ଜିଲାର ଗ୍ରାମାଞ୍ଚଳର ଛୋଟ ବ୍ୟବସାୟୀ ତଥା ଲୋକମାନେ ଆସି ସେଠାରୁ ନିଜର ଆବଶ୍ୟକ ମୁତାବକ ସାମଗ୍ରି କିଣି ନେଇଥାନ୍ତି। କେହି ଲୋକ ଖାଲି ହାତରେ ଫେରୁ ନ ଥିଲେ। ସମସ୍ତ ଜିନିଷପତ୍ର ଉକ୍ତ ଦୋକାନରେ ମିଳିଥାଏ। ଅବଶ୍ୟ ସେ ସମୟରେ ରସିକଲାଲ ନାମକ ଅନ୍ୟ ଜଣେ ବ୍ୟବସାୟୀ ଜିଲାରେ ବେଶ ପ୍ରତିଷ୍ଠା ଲାଭ କରିଥିଲେ। ଏବେ ମଧ୍ୟ ଲୁହା ସାମଗ୍ରୀ ଓ ଅନ୍ୟ କେତେକ ସାମଗ୍ରୀ ଛାଡି ଦେଲେ ସବୁ ସେଠାରେ ମିଳିଥାଏ। ଯଦିଓ ବହୁ ବଡ ବଡ ଦୋକାନ, ମଲ, ମାର୍କେଟ କମ୍ପ୍ଲେକ୍ସ ଖୋଲି ଗଲାଣି ତଥାପି ତାହାର ଚାହିଦା ରହିଛି। ସେତେବେଳେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବହୁ ଛାତ୍ରଙ୍କୁ ମାଗଣା ପୁସ୍ତକ ପଢିବାକୁ ଦେଇ ସହାୟତା କରୁଥିଲେ। ବହି ନ ଥିଲେ ପଢିବାକୁ ଦେଉଥିଲେ। ପଢି ସାରିବା ପରେ ଫେରସ୍ତ ଦେବାକୁ କହୁଥିଲେ। ଯାହାକି ତାଙ୍କର ଛାତ୍ର ବତ୍ସଳ ମନଭାବକୁ ପ୍ରତିପାଦିତ କରିଥାଏ ବୋଲି କୁହାଯାଏ। ଏପରି କି ବିଭିନ୍ନ ଘରୋଇ ପୂଜାପାର୍ବଣରେ ହଷ୍ଟେଲରେ ରହୁଥିବା ପିଲାମାନଙ୍କୁ ନିମନ୍ତ୍ରଣ କରି ସାମିଲ କରୁଥିଲେ।


ପୁସ୍ତକ ଭଣ୍ଡାରରେ ମାନସ ମିଶ୍ର।

- ବଜାୟ ରହିଛି ସ୍ୱାତନ୍ତ୍ର୍ୟ
- ଆବଶ୍ୟକ ମୁତାବକ ସାମଗ୍ରୀ ମିଳୁଛି
- ପଢ଼ିବାକୁ ମିଳୁଥିଲା ମାଗଣା ବହି